ଧରିତ୍ରୀ
DHARITRI
ବାଲେଶ୍ୱର, ମଙ୍ଗଳବାର, ୧୧ ଫେବୃୟାରୀ, ୨୦୨୦

## ସଂକ୍ଷେପରେ

### ସାର୍ବଜନୀନ ମାଘି ରଥ ଉତ୍ସବ

ଜଳେଶ୍ୱର, ୧୦।୨(ସ୍ୱ.ପ୍ର.): ୧୯୭୩ ମସିହାଠାରୁ ଲଗାତର କ୍ରମରେ ନିଷ୍ଠା ଓ ଭକ୍ତିର ସହିତ ଜଳେଶ୍ୱର ବ୍ଲକ ପେଣ୍ଡରାସାହିଠାରେ ଅନୁଷ୍ଠିତ ହୋଇ ଆସୁଥିବା ୪୮ତମ ସାର୍ବଜନୀନ ମାଘିରଥ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ ବ୍ରଜକାନ୍ତ ଦାସ ପୌରୋହିତ୍ୟ କରି ରଥ ଉଦ୍ଦେଶ୍ୟରେ ବକ୍ତବ୍ୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନ ସଭାପତି ଗୌରାଙ୍ଗ ଚନ୍ଦ୍ର ଦାସ, ମୁଖ୍ୟବକ୍ତା ରୂପେ ବୃନ୍ଦାବନ ବେହେରା, ସମ୍ମାନନୀୟ ବକ୍ତା ରୂପେ ଗୋପାଳ ଚନ୍ଦ୍ର ସେନାପତି, ସମ୍ମାନନୀୟ ଅତିଥି ରୂପେ ଅମର କୁମାର ଆଚାର୍ଯ୍ୟ, ନିରଞ୍ଜନ ଘୋଷ, ଆଶିଷ କୁମାର ଘୋଷ ପ୍ରମୁଖ ଯୋଗ ଦେଇଥିବା ବେଳେ ଶେଷରେ ପ୍ରଦୀପ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ପରମ୍ପରା ଅନୁଯାୟୀ ରଥଟଣା ପୂର୍ବରୁ ଗୌରାଙ୍ଗ ଚନ୍ଦ୍ର ଦାସ ଛେରାପହଁରା କରିଥିଲେ। ପରେ ଉକ୍ତ ରଥ ଗ୍ରାମ ପରିକ୍ରମା କରିଥିଲା। ଏହି ଅବସରରେ ୨୧ ଯୋଡା କୁନି କୁନି ପିଲାମାନେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ ରଥ ସହିତ ଯାଇଥିଲେ।

### ରାଜନୀତିରୁ ସନ୍ୟାସ ନେବେ ପୂର୍ବତନ ଏମ୍‌ପି କାର୍ତ୍ତିକେଶ୍ୱର ପାତ୍ର

ଜଳେଶ୍ୱର, ୧୦।୨(ସ୍ୱ.ପ୍ର.): ଭୋଗରାଇର ପୂର୍ବତନ ବିଧାୟକ ତଥା ବାଲେଶ୍ୱରର ପୂର୍ବତନ ଏମ୍‌ପି ଡ. କାର୍ତ୍ତିକେଶ୍ୱର ପାତ୍ର ରାଜନୀତିରୁ ସନ୍ୟାସ ନେବେ ବୋଲି ସୋମବାର ଜଳେଶ୍ୱରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏଣିକି ସେ ସାମାଜିକ ଓ ଉତ୍ତର ବାଲେଶ୍ୱରର ବିକାଶ ଲାଗି ଗୁରୁତ୍ୱ ଦେବେ। କେତେକ ରାଜନୈତିକ ଦଳ ଜିଲା ସଭାପତି, କେନ୍ଦ୍ରୀୟ ଓବିସି ସେଲ୍‌ର ଅଧକ୍ଷ ତଥା ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଅଧିଷ୍ଠିତ ହେବା ପାଇଁ ଅନୁରୋଧ କରୁଥିବା ବେଳେ ସେ ସେବୁକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଏଣିକି ସେ ସାରସ୍ୱତ ସାଧନା, ଆଧ୍ୟାତ୍ମିକ ଚିନ୍ତା ଚେତନାରେ ନିଜକୁ ନିୟୋଜିତ କରିବେ ବୋଲି କହିଛନ୍ତି। ତାଙ୍କୁ ଏବେ ୮୩ ବର୍ଷ। ଆସନ୍ତା ଚୈତ୍ର ସଂକ୍ରାନ୍ତିରେ ଜାତୀୟ ଗୌରବମୟ ଇତିହାସକୁ ତୋଳି ଧରିବା ପାଇଁ ତାଙ୍କ ଦ୍ୱାରା ରଚିତ କୋଣାର୍କ ସିରିଏଲ ଶୁଭ ମହୁରତ୍ ଅନୁଷ୍ଠିତ ହେବ। ସେଥିପାଇଁ ସେ ବ୍ୟସ୍ତ ରହୁଥିବାରୁ ରାଜନୀତିରୁ ଦୂରେଇ ରହିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି କହିଛନ୍ତି। ସେହିପରି ପଣ୍ଡିଚେରୀ ଆଶ୍ରମ ସମ୍ପର୍କରେ ଅନ୍ୟ ଏକ ତଥ୍ୟ ସମ୍ବଳିତ ପୁସ୍ତକ 'ଏ ଟ୍ରାଏଲ ଏଗେନ୍ ଆଫ୍ଟର ଏ ସେଞ୍ଚୁରୀ'କୁ ଇତିମଧ୍ୟରେ ଲୋକାର୍ପିତ କରିଥିବା ସେ ସୂଚନା ଦେଇଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଅନିଶ୍ଚିତତା ମଧ୍ୟରେ ବାଲିଆପାଳ ଆଦର୍ଶ ବିଦ୍ୟାଳୟ

# ଜାଗା ନ ଛାଡ଼ିବାକୁ ଆଦିବାସୀଙ୍କ ମେଳି

**ବିକଳ୍ପ ଜାଗା ଚିହ୍ନଟ କରିବାକୁ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଦାବି**

ବାଲିଆପାଳ, ୧୦।୨(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକରେ ରାଜ୍ୟ ସରକାରଙ୍କ ଆଦର୍ଶ ଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠା ଏବେ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ଗୋଟିଏ ପକ୍ଷରେ ଚିହ୍ନଟ ଜାଗାକୁ ନେଇ ହାଇକୋର୍ଟରେ ମାମଲା, ସେଠାରେ ବାସ କରୁଥିବା ଆଦିବାସୀମାନେ ଜାଗା ନ ଛାଡ଼ିବା ପାଇଁ ମେଳି ବାନ୍ଧୁଥିବା ବେଳେ ଗୋଚର କିସମ ପରିବର୍ତ୍ତନ ହେଉ ନ ଥିବାରୁ ଜମି ହସ୍ତାନ୍ତର କରିବା ସମ୍ଭବ ନୁହେଁ ବୋଲି ବାଲିଆପାଳ ତହସିଲଦାର ରୋକଠୋକ ଜଣାଇବା ପରେ ଏହି ଶିକ୍ଷା ପ୍ରକଳ୍ପ ସବୁଦିନ ପାଇଁ ଶୀତଳଭଣ୍ଡାରକୁ ଚାଲିଯିବା ନେଇ ଆଶଙ୍କା ଦେଖାଦେଇଛି। ଏପରି ପରିସ୍ଥିତିରେ ବିକଳ୍ପ ଜାଗା ଚିହ୍ନଟ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେବାକୁ ବାଲିଆପାଳ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ଦାବି ହୋଇଛି।

ରାଜ୍ୟ ସରକାର ବାଲିଆପାଳ ବ୍ଲକରେ ଏହି ବିଦ୍ୟାଳୟ ସ୍ଥାପନ ପାଇଁ ୨୦୧୮ରେ ଅର୍ଥ ମଞ୍ଜୁର କରିଥିଲେ। ଏଥିପାଇଁ ବାଲିଆପାଳ ତହସିଲ ପକ୍ଷରୁ ଏହି ବ୍ଲକର ବଳରାମପୁର ପଞ୍ଚାୟତ ବଳରାମପୁର ଗ୍ରାମରେ ଥିବା ଖାତା ନଂ. ୨୭୦ର ପ୍ଲଟ ନମ୍ବର ୨୯ରେ ଥିବା ମୋଟ ୮.୯୪ ଏକର ଗୋଚର ଜମିରୁ ୫ ଏକର ଜମି ଚିହ୍ନଟ ହୋଇ ପ୍ରସ୍ତାବ ପଠାଯାଇଥିଲା। ମାତ୍ର ଏହି ଗୋଚର ଜାଗା ଉପରେ ଗ୍ରାମର ୪ ଆଦିବାସୀ ପରିବାର ଏବଂ ଏହାକୁ ଲାଗି ରହିଥିବା ସୁନାରୁଇର ୧୭ ଆଦିବାସୀ ପରିବାର ଘର କରି ଦୀର୍ଘଦିନ ହେଲା ରହିଆସୁଛନ୍ତି। ଏହାଛଡ଼ା ସେମାନଙ୍କର ବାହାରକୁ ରାସ୍ତା ନ ଥିବାରୁ ସେମାନେ ଏହି ୨୯ନଂ. ପ୍ଲଟ ଗୋଚର ପଦାକୁ ଦୁଇଭାଗ କରିଯାଇଥିବା ଆରଡ଼ିର କଂକ୍ରିଟ୍ ରୋଡ଼ ଉପରେ ନିର୍ଭର କରନ୍ତି। ଆଦିବାସୀଙ୍କ ଘର ଉଚ୍ଛେଦ ହେବା ଭୟରେ ସେମାନେ ମିଳିତ ହୋଇ ବିଦ୍ୟାଳୟ ସ୍ଥାପନକୁ ବିରୋଧ କରିବା ସହିତ ହାଇକୋର୍ଟରେ ଏକ ମାମଲା ରୁଜୁ କରିଛନ୍ତି। ଏହାର ବିଚାର ପାଇଁ ଗ୍ରହଣ ହୋଇଥିବା ବେଳେ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ, ଜିଲାପାଳ ଏବଂ ତହସିଲଦାରଙ୍କୁ ପକ୍ଷଭୁକ୍ତ କରି ଜମି ଉପରେ ସ୍ଥିତାବସ୍ଥା ଆଣିପାରିଛନ୍ତି। ଅପରପକ୍ଷରେ ସେମାନେ ସେହି ପ୍ଲଟର ଆରଡ଼ି ରାସ୍ତାର ଉତ୍ତରପଟରେ ୫ ଏକର ଏବଂ ଖାତା ନଂ. ୨୭୦ରେ ପ୍ଲଟ ନଂ. ୧୬୫ରେ ୬.୪୦ ଏକର ଅନ୍ୟ ଜବରଦଖଲମୁକ୍ତ ଜାଗା ରହିଥିବାରୁ ସେଠାରେ ବିଦ୍ୟାଳୟ ସ୍ଥାପନ କରିବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ସେମାନେ ଜିଲାପାଳ ଏବଂ ବାଲିଆପାଳ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ ସେମାନଙ୍କ ସହିତ ପ୍ରଶାସନ ବସି ଏହାର ବୁଝାମଣା କରି ନ ଥିବା ଅଭିଯୋଗ କରିଛନ୍ତି। ଏହି ବିଦ୍ୟାଳୟ ସ୍ଥାପନ ପାଇଁ ପ୍ରଥମେ ଟାଟା ଟ୍ରଷ୍ଟ ୨୦୧୮ରେ କାର୍ଯ୍ୟ କରିବାକୁ ଆସିଥିବା ବେଳେ ଆଦିବାସୀ ଏବଂ କେତେକ ଗ୍ରାମବସୀ ବିରୋଧ କରିବାରୁ ଟାଟା ଟ୍ରଷ୍ଟ କାର୍ଯ୍ୟ ନ କରି ପଳାଇଯାଇଥିଲା। ପରେ ଏହି କାର୍ଯ୍ୟ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିପାଇଁ ଆରଡ଼ି ବିଭାଗ ଟେଣ୍ଡର କରି ଠିକାଦାର ନିଯୁକ୍ତି କରିଛନ୍ତି। ମାତ୍ର ଆରଡ଼ି ବିଭାଗ ଏବଂ ଠିକାଦାର ସେଠାରେ କାର୍ଯ୍ୟ କରିବାକୁ ଆସିବାରୁ ପୂର୍ବପରି ସେମାନେ ବିରୋଧ କରିବାରୁ ଠିକାଦାର କାମ ନ କରି ଫେରିଯାଇଛନ୍ତି। ଫଳରେ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଦୀର୍ଘ ବର୍ଷେ ହେଲା ବନ୍ଦ ରହିଥିବା ବେଳେ ମଞ୍ଜୁର ଅର୍ଥ ଫେରିଯିବା ଆଶଙ୍କା ଦେଖାଦେଇଛି। ଏ ସମ୍ପର୍କରେ ଗତ ଅକ୍ଟୋବରରେ ବାଲିଆପାଳ ବ୍ଲକରେ ଅନୁଷ୍ଠିତ ମିଳିତ ଜନଶୁଣାଣିରେ ବାଲିଆପାଳ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ସଭାପତି ନାରାୟଣ ପ୍ରସାଦ ସାହୁ ତୁରନ୍ତ ଜମି ହସ୍ତାନ୍ତର କରି ଗୃହର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ମାତ୍ର ଏହା ମଧ୍ୟ ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ବାଲିଆପାଳ ତହସିଲଦାର ଆଦର୍ଶ ବିଦ୍ୟାଳୟ ପାଇଁ ଆବଶ୍ୟକ ଜାଗା ପ୍ରଦାନ କରିବାରେ ବିଫଳ ହୋଇଛନ୍ତି। ଫଳରେ ଅର୍ଥ ଥାଇ ମଧ୍ୟ ବିଦ୍ୟାଳୟର ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ଏ ନେଇ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଆଦର୍ଶ ବିଦ୍ୟାଳୟ ପାଇଁ ଜମି ହସ୍ତାନ୍ତର ସମ୍ପର୍କରେ ବାଲିଆପାଳର ଭାରପ୍ରାପ୍ତ ତହସିଲଦାର ସସ୍ମିତା ମୁର୍ମୁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଗୋଚର ଜମିର କିସମ ପରିବର୍ତ୍ତନ ପାଇଁ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରି ଜିଲାପାଳଙ୍କ ଅନୁମୋଦନ ପାଇଁ ପଠାଯାଇଥିଲେ ମଧ୍ୟ ତାହା ଅନୁମୋଦନ ହୋଇ ତହସିଲକୁ ଆସି ନାହିଁ। ଅପରପକ୍ଷରେ ଏହି ଚିହ୍ନଟ ଜାଗା ଉପରେ ହାଇକୋର୍ଟରେ ମାମଲା ଚାଲିଥିବା ଓ ଏହାର ଫଇସଲା ହୋଇ ନ ଥିବାରୁ ଜମି ହସ୍ତାନ୍ତର କରିହେବ ନାହିଁ ବୋଲି କହିଥିଲେ।



ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଜଣେ ଛାତ୍ରୀଙ୍କୁ କୃମିନାଶକ ବଟିକା ଦେଉଛନ୍ତି।

## ଛାତ୍ରୀଙ୍କୁ କୃମିନାଶକ ବଟିକା ଖୁଆଇଲେ ଜିଲାପାଳ

ବାଲେଶ୍ୱର ଅଫିସ, ୧୦।୨

ବାଲେଶ୍ୱର ସହର ସ୍ଥାନୀୟ ମିଶନ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ଜାତୀୟ କୃମିନାଶକ ଦିବସ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସ୍କୁଲ ଛାତ୍ରୀଙ୍କୁ କୃମିନାଶକ ବଟିକା ଖୁଆଇ ଏହାର ଶୁଭାରମ୍ଭ କରିବା ସହିତ ପିଲାଙ୍କ ମାନସିକ ଓ ଶାରୀରିକ ଅଭିବୃଦ୍ଧି ପାଇଁ କୃମିନାଶକ ବଟିକାର ମହତ୍ତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହା ଖାଇବା ସମ୍ପୂର୍ଣ୍ଣ ନିରାପଦ ବୋଲି କହିବା ସହ ସେ ନିଜେ ଏକ ବଟିକା ସେବନ କରିଥିଲେ।

ଜିଲାର ସମସ୍ତ ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ର ସମେତ ଅନ୍ୟାନ୍ୟ ଅଞ୍ଚଳରେ ୧ରୁ ୧୯ ବର୍ଷ ବୟସର ପିଲାମାନଙ୍କୁ କୃମିନାଶକ ଔଷଧ ଖାଇବାକୁ ଦିଆଯାଉଛି। ପିଲାମାନଙ୍କୁ ପୁଷ୍ଟିହୀନତା ଓ ରକ୍ତହୀନତାରୁ ଦୂରେଇ ରଖିବା ପାଇଁ ଏପରି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିବାବେଳେ ଆଜି ଯେଉଁ ପିଲାମାନେ ବାଦ୍ ପଡ଼ିଯାଇଥିବେ ସେମାନଙ୍କୁ ଆସନ୍ତା ଫେବୃୟାରୀ ୧୭ ତାରିଖରେ କୃମିନାଶକ ଔଷଧ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବାନାର୍ଜୀ ପ୍ରସାଦ ଛୋଟରାୟ, ସହକାରୀ ଜିଲା ଚିକିତ୍ସାଧିକାରୀ ଡା. ଶଶାଙ୍କ ଶେଖର ଚୌଧୁରୀ, ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ, ଡିପିଏମ ଅନିଲ ମହାନ୍ତି, ଜିଲା ସମାଜ ମଙ୍ଗଳ ଅଧିକାରିଣୀ କୁସୁମମାଳା ମିଶ୍ର, ଜିଲା ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ନରେଶ ଚନ୍ଦ୍ର ଦାଶ, ସହକାରୀ ଜିଲା ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ରମଣୀକାନ୍ତ ଭଞ୍ଜ, ମିଶନ ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷକ ହିମାଂଶୁ କୁମାର ନାୟକ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ କୁମାର ସାହୁ, ଡିଏମ-ଆରସିଏଚ ଏଲିନା ସାମଲ ଓ ଆଶା ମ୍ୟାନେଜର ସୂର୍ଯ୍ୟଜିତ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଭାଗବତ କଥାମୃତ ପ୍ରବଚନ ସଭା

ରୂପ୍‌ସା, ୧୦।୨(ଡି.ଏନ.ଏ.): ହରିନାମ, ସତ୍‌ସଙ୍ଗ ଦ୍ୱାରା ମୋକ୍ଷ ପ୍ରାପ୍ତି ହୋଇଥାଏ। ମଣିଷ ଜୀବନରେ ସୁଖ, ଶାନ୍ତି ପାଇବା ପାଇଁ ସର୍ବଦା ଈଶ୍ୱର ଚିନ୍ତନ ଆବଶ୍ୟକ। ଦାନ, ଦୟା, କ୍ଷମା, ପରୋପକାର ଭଳି ପ୍ରକୃତ ଧର୍ମକାର୍ଯ୍ୟରେ ସମସ୍ତେ ଲିପ୍ତ ରହିଲେ ସୁସ୍ଥ ପରିବେଶ ଓ ବିକଶିତ ସମାଜ ଗଠନ ସମ୍ଭବ ବୋଲି ଭାଗବତ କଥାମୃତ ପ୍ରବଚନ ସଭାରେ ଯୋଗଦେଇ ଭଦ୍ରକ ଜିଲା ତିରାହାଟ ମାରୁତି ଆଶ୍ରମର ସାଧୁ ତଥା ବିଶିଷ୍ଟ ପ୍ରବଚକ ବିଜୟ ରାଘବେନ୍ଦ୍ର ଦାସ ମହାରାଜ ଓ କୁରୁଠିଆ ସ୍ଥିତ କୃଷ୍ଣକୃପା ସେବାଶ୍ରମର ସାଧୁ ରାଧାକୃଷ୍ଣ ଦାସ ମହାରାଜଜୀ ଏହି ଧର୍ମବାଣୀ ଶୁଣାଇଛନ୍ତି। ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ଆଞ୍ଚଳିକ ଭାଗବତ ପରିବାର ପକ୍ଷରୁ ଆୟୋଜିତ ୭ଦିନ ବ୍ୟାପୀ ଶ୍ରୀମଦ ଭାଗବତ କଥାମୃତ ପ୍ରବଚନ ସଭା ରବିବାର ଉଦ୍‌ଯାପିତ ହୋଇଯାଇଛି। ସପ୍ତାହେ ବ୍ୟାପୀ ପ୍ରତି ସନ୍ଧ୍ୟାରେ ସାଧୁମାନେ ଶ୍ରୀରାଧାକୃଷ୍ଣଙ୍କ ଲୀଳା, ଭାଗବତ ମହାତ୍ମ୍ୟ, କୋକିଳ ଉପାଖ୍ୟାନ, ଦ୍ୱାରିକା ଲୀଳା ଆଦି ସମ୍ପର୍କରେ ଧର୍ମସଭାରେ ଆଲୋଚନା କରିଥିଲେ। କଣ୍ଠଶିଳ୍ପୀ ଖଗେଶ୍ୱର ମହାନ୍ତି ଓ ଅମିନ ପରିଡ଼ାଙ୍କ ଦ୍ୱାରା ଭଜନ ପରିବେଷଣ ହୋଇଥିଲା। ବିଭିନ୍ନ ଜିଲାରୁ ଶତାଧିକ ଭାଗବତ ପ୍ରେମୀ ମହିଳାପୁରୁଷ ଏହି ସଭାରେ ଯୋଗଦେଇ ହରିକଥା ଶ୍ରବଣ କରିଥିଲେ।



ବାର୍ଷିକ ଉତ୍ସବରେ ବିଧାୟକଙ୍କ ଗହଣରେ ମଞ୍ଚାସୀନ ଅତିଥି।

## 'ଜନ୍ମଭୂମି, ମାତୃଭାଷା ପ୍ରତି ଅନୁରକ୍ତ ହୁଅ'

ରୂପ୍‌ସା, ୧୦।୨(ଡି.ଏନ.ଏ.)

ବିଦ୍ୟାର୍ଥୀମାନେ ଜ୍ଞାନ ଆହରଣ ପୂର୍ବକ ରାଷ୍ଟ୍ରୀୟ ପ୍ରେମରେ ସମର୍ପିତ ହେବା ଉଚିତ୍। ମା', ମାଟିର କର୍ତ୍ତବ୍ୟରେ କେବେ ବି ଅବହେଳା ପ୍ରଦର୍ଶନ କରିବ ନାହିଁ। ପୂର୍ଣ୍ଣାଙ୍ଗ ଶିକ୍ଷା ଲାଭ କରି ଛାତ୍ରୀଛାତ୍ର ମାତୃଭାଷା, ଜନ୍ମଭୂମି ପ୍ରତି ସର୍ବଦା ଅନୁରକ୍ତ ହେବା ଆବଶ୍ୟକ ବୋଲି ବାଲେଶ୍ୱର ସଦର ବ୍ଲକ କଷିପଦା ପଞ୍ଚାୟତ ହାଇସ୍କୁଲର ୪୦ତମ ବାର୍ଷିକ ସମାରୋହରେ ସୋମବାର ଯୋଗଦେଇ ମୁଖ୍ୟଅତିଥି ବିଧାୟକ ମଦନମୋହନ ଦତ୍ତ ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟ ପ୍ରତିଷ୍ଠାତା ଭଗବାନ ମହାପାତ୍ର ଏହି ଉତ୍ସବରେ ପୌରୋହିତ୍ୟ କରିଥିଲେ। ମୁଖ୍ୟବକ୍ତା ନୀଳମଣି ମହାବିଦ୍ୟାଳୟ ଅଧକ୍ଷ ଡ. ଜୟନ୍ତ କୁମାର ପଣ୍ଡା, ସମ୍ମାନନୀୟ ଅତିଥି ଭାବେ ବରିଷ୍ଠ ଅଧାପକ ଡ. ତପନ କୁମାର ବେହେରା ଓ ପୂର୍ବତନ ପ୍ରଧାନଶିକ୍ଷକ ଅନନ୍ତ କୁମାର ସାହୁ ଯୋଗଦେଇ ଭକ୍ତି ଓ ଆତ୍ମବିଶ୍ୱାସ ବଳରେ ଛାତ୍ରୀଛାତ୍ର ସଫଳତାର ଶୀର୍ଷରେ ପହଞ୍ଚିପାରିବେ ବୋଲି ବକ୍ତବ୍ୟରେ କହିଥିଲେ। ଶିକ୍ଷକ ଗୌରହରି ପ୍ରହରାଜ ଅତିଥି ପରିଚୟ ଏବଂ ପ୍ରଧାନଶିକ୍ଷକ ପର୍ଶୁରାମ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଓ ଆବାହନୀ ନୃତ୍ୟ ପରିବେଷଣ କରିଥିଲେ। କ୍ରୀଡ଼ା ଶିକ୍ଷକ ଜିତେନ୍ଦ୍ରନାଥ ପ୍ରଧାନଙ୍କ ତତ୍ତ୍ୱାବଧାନରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଓ ପୁରସ୍କାର ବିତରଣ କରିଥିଲେ। ଶେଷରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷକ ଗଦାଧର ବାରିକ, ମନୋରଞ୍ଜନ ସାହୁ, ହେମନ୍ତ କୁମାର ଗିରି, କିଶୋର ଚନ୍ଦ୍ର ଦାସ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## 'ଆତ୍ମ ଅନୁଶୀଳନ ହିଁ ପ୍ରକୃତ ଶିକ୍ଷା'



ଅତିଥିମାନଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

ସିମୁଳିଆ, ୧୦।୨(ଡି.ଏନ.ଏ.)

ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବାଟିର ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ସୋମବାର ଦିବସ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ଏହି ବିଦ୍ୟାଳୟର ସଭାପତି ତଥା ବରୀ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଚତୁର୍ଭୁଜ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ରୂପେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ମାୟାଧର ସାହୁ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତା ରୂପେ ଖଇରା ବ୍ଲକ ଅଧୀନ ଯଜ୍ଞେଶ୍ୱର ମହାବିଦ୍ୟାଳୟର ଗଣିତ ଅଧାପକ ମନିନ୍ଦ୍ର କୁମାର ଦୀକ୍ଷିତ ଯୋଗଦେଇ ଆତ୍ମ ଅନୁଶୀଳନ ହିଁ ପ୍ରକୃତ ଶିକ୍ଷା ବୋଲି କହିଥିଲେ। ସେହିପରି ସଭାପତି ଚତୁର୍ଭୁଜ ପାଣିଗ୍ରାହୀ ଜ୍ଞାନ, କର୍ମ ଓ ଭକ୍ତି ସମ୍ପର୍କରେ ସୂଚନା ଦେଇ ସାହିତ୍ୟ ସାଧନ କରୁଥିବା ବ୍ୟକ୍ତି ସର୍ବଦା ସୁଖି ହୋଇଥାଆନ୍ତି ବୋଲି କହିଥିଲେ। ଶିଶୁ ସାହିତ୍ୟିକ ଚକ୍ରଧର ବେହେରା ଛାତ୍ରୀଛାତ୍ରମାନଙ୍କୁ ମାତୃଭାଷା ଓ ମହାପୁରୁଷମାନଙ୍କ ସମ୍ପର୍କରେ ଜ୍ଞାନ ଆହରଣ ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ଶରତ ଚନ୍ଦ୍ର ନାୟକ, ସମିତିସଭ୍ୟ କାଳନ୍ଦୀ ଚରଣ ନାୟକ, ଓଷ୍ଟା ସଭାପତି କମଳାକାନ୍ତ ପତି, ପୂର୍ବତନ ସରପଞ୍ଚ ଉମାକ୍ତ ମହାନ୍ତି, ପ୍ରାକ୍ତନ ଶିକ୍ଷକ ଶିବ ପ୍ରସାଦ ପାଢ଼ୀ, ଗୟାଧର ବିଶ୍ୱାଳ, ଦୀନବନ୍ଧୁ ପାତ୍ର, ସିଆର୍‌ସିସି ପର୍ଶୁରାମ ଶଙ୍ଖୁଆ, ନୋଡାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧୀର କୁମାର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ କୃପାସିନ୍ଧୁ ନାୟକ ବାର୍ଷିକ ବିବରଣୀ ପାଠ ଓ ସହକାରୀ ଶିକ୍ଷକ ନରେନ୍ଦ୍ରନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶିକ୍ଷାରେ ୧୧ଜଣ ଓ କ୍ରୀଡ଼ାରେ ୭୩ଜଣ କୃତୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ନାଗରିକ ସଂଶୋଧନ ବିଲ୍ ସପକ୍ଷରେ ଶୋଭାଯାତ୍ରା

ବାଲେଶ୍ୱର ଅଫିସ, ୧୦।୨

ବାଲେଶ୍ୱର ଅଟଳ ସ୍ମୃତି କମିଟି ତରଫରୁ ନାଗରିକ ସଂଶୋଧନ ବିଲ୍ (ସିଏଏ) ସପକ୍ଷରେ ସୋମବାର ଏକ ବିଶାଳ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଶୋଭାଯାତ୍ରା ଗୋପାଳଗାଁର ପ୍ରଜ୍ଞାଭାରତୀୟ ସ୍କୁଲ ପଡ଼ିଆରୁ ବାହାରି ସିନେମାଛକ, ଚିଡ଼ିଆପୋଲ, ଫାଣ୍ଡିଛକ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଅଟଳ ସ୍ମୃତି କମିଟି ବ୍ୟତୀତ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ବିଏମ୍‌ଏସ୍, ଜିଲା ଆଶା ସଂଘ, ଜିଲା ଉଜାଲା ଦିଦି ସଂଘ, ବିଶ୍ୱ ହିନ୍ଦୁ ପରିଷଦ, ଅଖିଳ ବିଦ୍ୟାର୍ଥୀ ପରିଷଦ, ବଜରଙ୍ଗ ଦଳ, ବ୍ରାହ୍ମଣ ସମାଜ, ଜିଲା ଉଠାଦୋକାନୀ ସଂଘ, ବାଲେଶ୍ୱର ବ୍ୟବସାୟୀ ସଂଘ, ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନରେ ବୁଦ୍ଧିଜୀବୀ ସମେତ ଭାଜପା ପରିବାର ଶୋଭାଯାତ୍ରାରେ ପ୍ରାୟ ୩ହଜାରରୁ ଉର୍ଦ୍ଧ୍ୱ ସମର୍ଥକ ସାମିଲ ହୋଇଥିଲେ। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଅରୁଣା ତ୍ରିପାଠୀଙ୍କ ଜରିଆରେ ଏକ ପ୍ରତିନିଧି ଦଳ ସିଏଏ ସପକ୍ଷରେ ଏକ ସମର୍ଥନ ପତ୍ର ପ୍ରଦାନ କରିଥିଲେ।

ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ପଥପ୍ରାନ୍ତ ସଭାରେ ସ୍ମୃତି କମିଟିର ଆବାହକ ବିପିନ ବିହାରୀ ଦାସ ସଭାପତିତ୍ୱ କରିଥିଲେ। ସଦର ବିଧାୟକ ମଦନ ମୋହନ ଦତ୍ତ ଯୋଗଦେଇ ସିଏଏ କେନ୍ଦ୍ର ସରକାରଙ୍କ ଐତିହାସିକ ପଦକ୍ଷେପ। ଏହାକୁ ବିରୋଧ ନ କରି ଦେଶର ସମସ୍ତଙ୍କ ହିତ ପାଇଁ ଆପଣାଇବା ପାଇଁ ନିବେଦନ କରିଥିଲେ। ସ୍ମୃତି କମିଟି ସଭାପତି ସୁଧାଂଶୁ ଶେଖର ପଣ୍ଡା, କାର୍ଯ୍ୟକାରୀ ସଭାପତି ପର୍ଶୁରାମ ବେହେରା, ଉପସଭାପତି ରବିନାରାୟଣ ବେହେରା, ସଞ୍ଜୀବ କୁମାର ସାହୁ, ଯଯାତି ଦାସ, ସୁଜିତ କୁମାର ଦେ, ସାଧାରଣ ସମ୍ପାଦକ ରବି ନାରାୟଣ ମହାପାତ୍ର, ମହେଶ କୁମାର ସିଂହ, ସମ୍ପାଦକ ସୀତାକାନ୍ତ ସ୍ୱାଇଁ, ଗୌରଗୋପାଳ ସାହୁ, ପ୍ରଦୀପ କୁମାର ମହାପାତ୍ର, ଅଟଳ ଆଇନ ସହାୟତା ପ୍ରମୁଖ ତ୍ରୈଲୋଚନ ଦାସ, ଆର୍‌ଏସ୍‌ଏସ୍‌ର ଜିଲା ପ୍ରମୁଖ ରଘୁନାଥ ପାତ୍ର, ବିଏମ୍‌ଏସ୍ ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ପଣ୍ଡା, ନାରୀ ନେତ୍ରୀ ଯଶୋଧରା ଦାସ, ଭାଜପା ପରିବାରର କଲ୍ୟାଣରାୟ ମହାଶୟ, ମୃତ୍ୟୁଞ୍ଜୟ ରାୟ ମହାପାତ୍ର, ଗୌରାଙ୍ଗ ଚନ୍ଦ୍ର ଦାସ, ବିକାଶ ପାଢ଼ୀ, ସରପଞ୍ଚ ଆଶାଲତା ବାରିକ, ସୁକାନ୍ତି ଦେବଗୋସ୍ୱାମୀ, ମିଞ୍ଜି ଗାୟନ, ଅମ୍ବିକା ବେହେରା, ସର୍ବେଶ୍ୱର ମହାନ୍ତି, କାଳି ମାଝି, ବିନୟ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ପଥପ୍ରାନ୍ତ ସଭା।

## ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ସରିଲା ସିମୁଳିଆ ମହୋତ୍ସବ

ସିମୁଳିଆ, ୧୦।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ଷ୍ଟେଶନ ବଜାର ପଡିଆରେ ଗତ ମଙ୍ଗଳବାର ଉଦ୍‌ଘାଟିତ ହୋଇଥିବା ଷଷ୍ଠ ବାର୍ଷିକ ସିମୁଳିଆ ମହୋତ୍ସବ ରବିବାର ରାତିରେ ଉଦ୍‌ଯାପିତ ହୋଇଛି। ମଙ୍ଗଳବାର ଅପରାହ୍ନରେ ମାର୍କୋଣା ଛକରୁ ଷ୍ଟେଶନ ବଜାର ପର୍ଯ୍ୟନ୍ତ ମହୋତ୍ସବ ରାଲି ଅନୁଷ୍ଠିତ ହୋଇଥିଲା। ପରେ ଶ୍ରୀଜଗନ୍ନାଥଙ୍କ ନିକଟରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ଉତ୍ସବର ଉଦ୍‌ଘାଟନ କରାଯାଇଥିଲା। ମୁଖ୍ୟଅତିଥି ରୂପେ ପର୍ଯ୍ୟଟନ, ଓଡିଆ ଭାଷା ସାହିତ୍ୟର ମନ୍ତ୍ରୀ ତଥା ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର ଓ ସୋର ବିଧାୟକ ପର୍ଶୁରାମ ଧଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କ୍ରୀଡା ପ୍ରତିଭା ରୂପେ ସୁରେନ୍ଦ୍ର ସିଂ, ଶିକ୍ଷା ପ୍ରତିଭା ପଦ୍ମଲୋଚନ ନାୟକ ଓ ନୃତ୍ୟ ପ୍ରତିଭା ଅଭିପ୍ସା ଗୀତାଞ୍ଜଳି ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ପତ୍ରିକା 'ସମୁଜ୍ୱଳା' ଉନ୍ମୋଚିତ ହୋଇଥିଲା। ସେହିପରି ଦ୍ୱିତୀୟ ସନ୍ଧ୍ୟାରେ ଅତିଥି ରୂପେ ରୟାଲଗ୍ରୁପର ଅଧକ୍ଷ ବିଷ୍ଣୁମୋହନ ମହାନ୍ତି, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଅବସର ପ୍ରଫେସର ଡ. ସୁଦର୍ଶନ ପଟ୍ଟନାୟକ ଓ ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ତୃତୀୟ ସନ୍ଧ୍ୟାରେ ଅତିଥି ରୂପେ ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ଧାମନଗର ବିଧାୟକ ବିଷ୍ଣୁ ସେଠୀ, ସଂସ୍କୃତି ବିଭାଗର ସଚିବ ମନୋରଞ୍ଜନ ପାଣିଗ୍ରାହୀ, ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଶିଶୁ ବୈଜ୍ଞାନିକ ତାପସ କୁମାର ପଣ୍ଡା ଓ ବିଭିନ୍ନ ଆଶାକର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଣ୍ଠଶିଳ୍ପୀ ଅସୀମା ପଣ୍ଡା ସଙ୍ଗୀତ ପରିବେଷଣ କରିଥିଲେ। ଚତୁର୍ଥ ସନ୍ଧ୍ୟାରେ ସାହିତ୍ୟିକା ସୁବାଶିନୀ ଜେନା, ଶ୍ରୀମୟୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ 'ଆମ ସିମୁଳିଆ କେତେ ବଢିଆ' ଶୀର୍ଷକରେ ସ୍ୱତନ୍ତ୍ର ଉପସ୍ଥାପନା, ବିଭିନ୍ନ ଅଞ୍ଚଳର କବିମାନଙ୍କୁ ନେଇ 'କବି କବିତା ମହାକୁମ୍ଭ', ମୋଗଲ ତାମସା, ଘୋଡା ନାଚ ଆଦି ବିଭିନ୍ନ ଲୋକ ନୃତ୍ୟ ପ୍ରତ୍ୟେକ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ରଙ୍ଗବତୀର ରଚୟିତା ବିଶିଷ୍ଟ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ସିମୁଳିଆ, ଖଇରା ଓ ସୋର ବ୍ଲକର କାର୍ଯ୍ୟରତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଓ ସ୍ଥାନୀୟ ସାଧନା କଳା ବିକାଶ କେନ୍ଦ୍ରର ଶିଳ୍ପୀମାନଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ମୁଖ୍ୟଅତିଥି ରୂପେ ପର୍ଯ୍ୟଟନ ମନ୍ତ୍ରୀ ଯୋଗ ଦେଇଥିଲେ। ସେହିପରି ଜ୍ଞାନେନ୍ଦ୍ର ସାଗର, ଅଜୟ କୁମାର ବେହେରା ଅତିଥି ପରିଚୟ ଓ ମଞ୍ଚ ସଞ୍ଚାଳନା, ଅନୁଷ୍ଠାନର ସଭାପତି ଗୋକୁଳାନନ୍ଦ ମିଶ୍ର ସଭାପତି ଅଭିଭାଷଣ, ସମ୍ପାଦକ କମଳଶ୍ରୀ ମହାନ୍ତି ବାର୍ଷିକ ବିବରଣୀ ପାଠ ଓ ଭରତଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।




ସିମୁଳିଆ ମହୋତ୍ସବରେ ଶିଶୁ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଧରିତ୍ରୀ
DHARITRI
ବାଲେଶ୍ୱର, ମଙ୍ଗଳବାର, ୧୧ ଫେବୃୟାରୀ, ୨୦୨୦



# କଲ୍ୟାଣ ମଣ୍ଡପ ସ୍ଥାନ ନିରୂପଣ ନେଇ ବିବାଦ

ଧାମନଗର,୧୦।୨(ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକ ବୟାଙ୍ଗଡିହି ପଞ୍ଚାୟତରେ କଲ୍ୟାଣ ମଣ୍ଡପ ନିର୍ମାଣ ଆରମ୍ଭ ହେବାକୁ ଥିବାବେଳେ ସ୍ଥାନ ନିରୂପଣ ନେଇ ବିବାଦ ସୃଷ୍ଟି ହୋଇଛି। ଏ ନେଇ ପୂର୍ବତନ ସରପଞ୍ଚ ସୁରଜିତ ପାତ୍ର ଶତାଧିକ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଜିଲାପାଳ ଓ ଜିଲା ପ୍ରକଳ୍ପ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଶିଳାନ୍ୟାସ ସ୍ଥାନରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ସେ ଦାବି ଜଣାଇଛନ୍ତି। ଜିଲା ପ୍ରଶାସନ ଏହାର ତଦନ୍ତ ପାଇଁ ବିଡିଓଙ୍କୁ ଚିଠି ମଧ୍ୟ କରିଛନ୍ତି। ଅନ୍ୟ ସ୍ଥାନରେ ହେଉଥିବା ନିର୍ମାଣ କାର୍ଯ୍ୟର ଅଗ୍ରଗତି ହେଲେ କୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି।

ଉଲ୍ଲେଖନୀୟ ଯେ, ୨୦୧୬ରେ ତତ୍କାଳୀନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ପଞ୍ଚାୟତବାସୀଙ୍କ ସୁବିଧା ଦୃଷ୍ଟିରୁ ମଧ୍ୟବର୍ତ୍ତୀ ସ୍ଥାନ ବୟାଙ୍ଗଡିହି ଗ୍ରାମର ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ମୁଖ୍ୟରାସ୍ତାକୁ ଲାଗି



ବୟାଙ୍ଗଡିହି ପଞ୍ଚାୟତ କଲ୍ୟାଣ ମଣ୍ଡପର ଶିଳାନ୍ୟାସ ଫଳକ।

ଥିବା ଏକ ଜମିରେ କଲ୍ୟାଣ ମଣ୍ଡପର ଶିଳାନ୍ୟାସ କରିଥିଲେ। ସେତେବେଳର ସରପଞ୍ଚଙ୍କ ଉଦ୍ୟମରେ ଧାମନଗର ତହସିଲଦାରଙ୍କ ଜରିଆରେ ୩୨୪୨ ଚିଠି ଅନୁସାରେ ଶିଳାନ୍ୟାସ କରାଯାଇଥିବା ଜମିକୁ ତହସିଲଦାର କଲ୍ୟାଣ ମଣ୍ଡପ ନାମରେ ଦେଇଥିଲେ। ରକ୍ଷିତ କିସମରୁ ୧୨ ଡିସିମିଲ ଜାଗା ତହସିଲଦାର କଲ୍ୟାଣ ମଣ୍ଡପ ନାମରେ ହସ୍ତାନ୍ତର କରିଥିଲେ। ପଞ୍ଚାୟତରେ ଏକ ଫାଇଲ ଖୋଲାଯାଇ ତହସିଲଦାର ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଜମି ଯୋଗାଇ ଦେଇଥିଲେ। ଏହାପରେ ପୂର୍ବତନ ବିଧାୟକ ମଣ୍ଡଳ, ବିଭାଗୀୟ ଆସିଷ୍ଟାଣ୍ଟ ଇଞ୍ଜିନିୟର ଏବଂ କନିଷ୍ଠ ଯନ୍ତ୍ରୀଙ୍କ ଉପସ୍ଥିତିରେ ଶିଳାନ୍ୟାସ କରାଯାଇଥିଲା। କିନ୍ତୁ ଏବେ କଲ୍ୟାଣ ମଣ୍ଡପ କାର୍ଯ୍ୟ ଆରମ୍ଭ ସମୟରେ ସ୍ଥାନ ବଦଳାଇ ଆମ୍ବିଳି ଗାଁ ନିକଟରେ କାର୍ଯ୍ୟ ଆରମ୍ଭକୁ ନେଇ ପଞ୍ଚାୟତରେ ଅସନ୍ତୋଷ ପ୍ରକାଶ ପାଇଛି। ଶିଳାନ୍ୟାସ ସ୍ଥାନକୁ ଲାଗି ୯ଟି ୱାର୍ଡରେ ବହୁ ଜନସାଧାରଣ ବସବାସ କରୁଥିବାବେଳେ ନିର୍ମାଣ ଆରମ୍ଭ ସ୍ଥାନ ନିକଟରେ ମାତ୍ର ୬ଟି ୱାର୍ଡ ରହିଛି। ଏହା ଏକପାଖିଆ ହେବା ସହିତ ପଞ୍ଚାୟତର ସୀମାରେ ହୋଇଥିବାରୁ ଅଧିକାଂଶ ଲୋକେ ସେବା ପାଇବାରୁ ବଞ୍ଚିତ ହେବେ ବୋଲି ଅଭିଯୋଗ ହେଉଛି। ଏ ସମ୍ପର୍କରେ ବିଡିଓ ଦୁର୍ଗାଚରଣ ମୁର୍ମୁଙ୍କୁ ଯୋଗାଯୋଗ କରିବାରୁ ଉକ୍ତ ପଞ୍ଚାୟତରେ କଲ୍ୟାଣ ମଣ୍ଡପ ନିର୍ମାଣ ନେଇ ବିବାଦ ସୃଷ୍ଟି ହେଉଥିବା ସେ ସ୍ୱୀକାର କରିଛନ୍ତି। ଲୋକକଲ୍ୟାଣ ଯୋଜନାରେ ସର୍ବସାଧାରଣଙ୍କ ସୁବିଧା ଦେଖିବାକୁ ପଡ଼ିବ। ଏହା ତଦନ୍ତସାପେକ୍ଷ ବୋଲି ସେ କହିଛନ୍ତି।

# ଉପଭୋକ୍ତାଙ୍କ ଉପରେ ୪୫କୋଟି ବକେୟା ବିଲ୍

ବନ୍ତ,୧୦।୨(ଡି.ଏନ.ଏ.)

**୧୬ ସୁଦ୍ଧା ପୈଠ ନ କଲେ ବିଦ୍ୟୁତ୍ କାଟ୍**

ଭଦ୍ରକ ଜିଲା ନେସ୍କୋ ଆର୍.ଇ. ସବ୍‌ଡିଭିଜନ ଅଧୀନ ବନ୍ତ, ଆଗରପଡ଼ା ବିଦ୍ୟୁତ୍ ବିଭାଗରେ ୪୫କୋଟି ୨ଲକ୍ଷ ଟଙ୍କା ବକେୟା ବିଲ୍ ଥିବା ଜଣାଯାଇଛି। ଆସନ୍ତା ୧୬ ତାରିଖ ମଧ୍ୟରେ ଉପଭୋକ୍ତାମାନେ ବକେୟା ବିଲ୍ ପୈଠ ନ କଲେ ବିଦ୍ୟୁତ୍ କାଟ୍ ସହିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନେସ୍କୋ ପକ୍ଷରୁ ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ ସମସ୍ତ ଉପଭୋକ୍ତାଙ୍କୁ ଡାକବାଜି ଯନ୍ତ୍ର ସହାୟତାରେ ସୂଚନା ଦିଆଯାଇଛି।

ପ୍ରକାଶ ଯେ, ଭଦ୍ରକ ନେସ୍କୋ ଆର୍.ଇ.ସବ୍‌ଡିଭିଜନ ଅଧୀନରେ ବନ୍ତ ବ୍ଲକର ବନ୍ତ ଓ ଆଗରପଡ଼ା ୨ଟି ସେକ୍ସନ ରହିଛି। ଏହି ଦୁଇଟି ସେକ୍ସନରେ ମୋଟ ୩୩, ୯୨୧ ଜଣ ଉପଭୋକ୍ତା ରହିଛନ୍ତି। ସମସ୍ତ ଉପଭୋକ୍ତାଙ୍କ ଉପରେ ୪୫ କୋଟି ୨ ଲକ୍ଷ ଟଙ୍କା ବକେୟା ବିଲ୍ ପଡ଼ି ରହିଛି। ସେଥିମଧ୍ୟରୁ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ୪୭ ଲକ୍ଷ, ବାଣିଜ୍ୟ ପ୍ରତିଷ୍ଠାନ ଉପରେ ୨ କୋଟି ୫୩ ଲକ୍ଷ ଏବଂ ଘରୋଇ ଉପଭୋକ୍ତାଙ୍କ ଉପରେ ୪୨ କୋଟି ୨ ଲକ୍ଷ ଟଙ୍କା ବାକି ପଡ଼ିଛି। ବର୍ଷ ବର୍ଷ ଧରି ଉପଭୋକ୍ତାମାନେ ବିଲ୍ ପୈଠ କରୁ ନ ଥିବାରୁ କମ୍ପାନୀର କ୍ଷତି ଘଟୁଛି। ଏ ପରିପେକ୍ଷୀରେ ଖିଲାପୀ ଉପଭୋକ୍ତାମାନଙ୍କ ପାଇଁ କମ୍ପାନୀ ପକ୍ଷରୁ ବିଲ୍ ଆଦାୟ ଯୋଜନା ପ୍ରସ୍ତୁତ କରାଯାଇଛି। ଆସନ୍ତା ୧୬ ତାରିଖ ମଧ୍ୟରେ ବକେୟା ବିଲ୍ ପୈଠ ନ କଲେ ଉପଭୋକ୍ତାଙ୍କର ବିଦ୍ୟୁତ୍ କାଟ୍ କରାଯିବାକୁ ନେସ୍କୋ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏହାମଧ୍ୟରେ ବନ୍ତ ଓ ଆଗରପଡ଼ା ସେକ୍ସନ ଅଧୀନରେ ଥିବା କର୍ମଚାରୀମାନେ ପ୍ରତି ଗ୍ରାମକୁ ଯାଇ ଉପଭୋକ୍ତାମାନଙ୍କୁ ବୁଝାଇ ବିଲ୍ ଆଦାୟ କରୁଥିବା ଦେଖିବାକୁ ମିଳୁଛି।

## ସଂକ୍ଷେପରେ

### ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଅସହାୟ ମହିଳା

**ଭଦ୍ରକ ଅଫିସ, ୧୦।୨:** ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଭଣ୍ଡାରିପୋଖରୀ ବ୍ଲକ ଉତ୍ତରବାଡ଼ ଗ୍ରାମର କବିତାରାଣୀ ପାତ୍ର ନାମ୍ନୀ ଜଣେ ଅସହାୟ ମହିଳା ପହଞ୍ଚି ସରକାରୀ ସହାୟତା ଦାବି କରିଥିଲେ। ପେଟ ରୋଗ ତାଙ୍କୁ ଦାଣ୍ଡର ଭିକାରି କରିସାରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ପେଟ ଯନ୍ତ୍ରଣା କାରଣରୁ ପ୍ରତି ମାସରେ ହଜାର ହଜାର ଟଙ୍କା ଖର୍ଚ୍ଚ ହେଉଛି। ଏଣୁ ତାଙ୍କୁ ସହାୟତା ପ୍ରଦାନ କରାଯାଉ ବୋଲି ସେ ନିବେଦନ କରିଛନ୍ତି। ସେ ଜଣେ ଅସହାୟ ମହିଳା ହୋଇଥିବାରୁ ତାଙ୍କୁ ଡାକ୍ତରଙ୍କ ପାଖକୁ ନେବାକୁ ମଧ୍ୟ କେହି ନ ଥିବା ଅଭିଯୋଗରେ ଦର୍ଶାଇଛନ୍ତି।

### ବଦଳିଲେ ୩ ଥାନାଧିକାରୀ

**ଭଦ୍ରକ ଅଫିସ,୧୦।୨:** ଭଦ୍ରକ ଜିଲାର ୩ ଥାନାଧିକାରୀଙ୍କ ବଦଳି ହୋଇଛି। ଧାମନଗର, ଭଣ୍ଡାରିପୋଖରୀ ଓ ଆଗରପଡ଼ା ଥାନାଧିକାରୀଙ୍କ ବଦଳି ହୋଇଥିବା ସୂଚନା ମିଳିଛି। ଜିଲା ହେଡକ୍ୱାର୍ଟରରେ ଥିବା ରତିକାନ୍ତ ଗିରିଙ୍କୁ ଧାମନଗର ଓ ସନାତନ ସାହୁଙ୍କୁ ଭଣ୍ଡାରିପୋଖରୀ ଥାନା, ଭଣ୍ଡାରିପୋଖରୀ ଥାନା ଆଇଆଇସି ସୁକାନ୍ତି କେରେଇଙ୍କୁ ଆଗରପଡ଼ା ଥାନାର ଆଇଆଇସି ଭାବେ ବଦଳି କରାଯାଇଛି। ତେବେ ଧାମନଗର ଓ ଆଗରପଡ଼ା ଥାନା ଆଇଆଇସିଙ୍କର ବାଲେଶ୍ୱର ଜିଲାକୁ ବଦଳି ହୋଇଛି।

### ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ

**ବନ୍ତ,୧୦।୨(ଡି.ଏନ.ଏ.):** ବନ୍ତ ବ୍ଲକ ଟିଲୋ ପଞ୍ଚାୟତ ପୋଡ଼ାପାଟଣା ଗ୍ରାମର ଦିବ୍ୟାଙ୍ଗ ବଳରାମ ସାହୁଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଛି। ବିଡିଓ ରେବେକା ବିଲୁଙ୍ଗ, ସାମାଜିକ ସୁରକ୍ଷା ବିଭାଗ ଅଧିକାରୀ ଚନ୍ଦ୍ରକାନ୍ତ ରଣା, ଜମାଦାର ମୁଣ୍ଡା ଓ କ୍ଲଷ୍ଟର କୋଅର୍ଡିନେଟର ହୃଦାନନ୍ଦ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

### କବୟିତ୍ରୀ ଅବନ୍ତୀଙ୍କୁ ସମ୍ବର୍ଦ୍ଧନା



**ଭଦ୍ରକ ଅଫିସ,୧୦।୨:** ଓଡ଼ିଶା ଲେଖିକା ସଂସଦ ପକ୍ଷରୁ ବାର୍ଷିକ ଉତ୍ସବ ଅବସରରେ କବୟିତ୍ରୀ ଇଂ. ଅବନ୍ତୀ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମାଜର ତୃଣମୂଳସ୍ତରରୁ ସମସ୍ୟା ଓ ଚରିତ୍ରମାନଙ୍କୁ ତଥା ନାରୀ ମନର ଚେତନା, ସୃଜନଶୀଳତା ଏବଂ ଅନ୍ତର୍ଦ୍ଦହନକୁ ନିଜ ଶବ୍ଦରେ ସାଉଁଟି ଗଳ୍ପ ଓ କବିତାରେ ରୂପ ଦେଉଥିବା କବୟିତ୍ରୀ ମଲ୍ଲିକଙ୍କୁ ଭୁବନେଶ୍ୱର ଓଡ଼ିଶା ଲେଖିକା ସଂସଦ ପକ୍ଷରୁ ମାନପତ୍ର, ଉପଢୌକନ ଓ ଅର୍ଥରାଶି ସହ ଲେଖିକା ସମ୍ମାନ ପ୍ରଦାନ କରାଯାଇଛି। ପ୍ରକାଶ ଯେ, ଅବନ୍ତୀ ଏକାଧାରରେ ସମ୍ପାଦିକା, କବି, ଗାଳ୍ପିକା, ସାମାଜିକ କର୍ମୀ, ଓଡ଼ିଶା ଲେଖିକା ସଂସଦ ଓ ଇନର୍ ହୁଇଲ୍ କ୍ଲବ୍‌ର ସଦସ୍ୟା। ଭଦ୍ରକରୁ ଦୀର୍ଘ ୧୭ ବର୍ଷ ଧରି ପ୍ରକାଶ ପାଉଥିବା ନୂଆ ଯୁଗର ନୂଆ ସକାଳ ପତ୍ରିକା ସମ୍ପାଦନା କରିବା ସହ ସେ ଆଗରୁ ଆଇଟିଆଇ ଚରମ୍ପାର ଅଧକ୍ଷା ଥିଲେ।

### ମିଳିତ ଜନଅଭିଯୋଗ ଶୁଣାଣି

**ଭଣ୍ଡାରିପୋଖରୀ,୧୦।୨(ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଚଳିତଥର ସର୍ବାଧିକ ୨୩୮ଟି ଅଭିଯୋଗ ହୋଇଥିବା ଜଣାପଡ଼ିଛି। ସେଥିମଧ୍ୟରୁ ୧୫୦ ଅଭିଯୋଗ ପ୍ରଧାନମନ୍ତ୍ରୀ ଆବାସ ଗୃହ ପାଇ ନ ଥିବା ସମ୍ପର୍କିତ ରହିଥିଲା। ଅନ୍ୟ ଅଭିଯୋଗଗୁଡ଼ିକ ରାଶନ କାର୍ଡ, ପାନୀୟ ଜଳ, ପାଇଖାନା ନିର୍ମାଣ ସମ୍ପର୍କିତ ହୋଇଥିବା ବେଳେ ଅନ୍ୟାନ୍ୟ ପ୍ରସଙ୍ଗ ନେଇ ଲୋକେ ଅଭିଯୋଗ କରିଥିଲେ। ଶିବିରରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାଶ, ଉପଜିଲାପାଳ ପୀତାମ୍ବର ସାମଲ, ଅତିରିକ୍ତ ତହସିଲଦାର ଶରତ ସ୍ୱାଇଁ, ବିଡିଓ ବନମାଳୀ ତରାଇ, ବ୍ଲକ ଅଧକ୍ଷା ମଞ୍ଜୁଶ୍ରୀ ବେହେରା, ଉପାଧକ୍ଷ ସତ୍ୟବ୍ରତ ଦାସ ଓ ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟୁତ୍, ସ୍ୱାସ୍ଥ୍ୟ, ଉଠାଜଳସେଚନ, ଉଦ୍ୟାନ କୃଷି, ଗ୍ରାମ୍ୟ ଉନ୍ନୟନ ଓ ବ୍ଲକର ବିଭିନ୍ନ ବିଭାଗ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ୧୭୨ ଜଣଙ୍କର ମଧୁବାବୁ ଭତ୍ତା ସାଙ୍କଶନ ହୋଇଥିବାବେଳେ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଉପସ୍ଥିତ ଥିବା ୬ ଜଣଙ୍କୁ ପ୍ରଦାନ କରାଯାଇଛି।

# ଆନନ୍ଦମାର୍ଗ ଯୋଗ ଶିବିର ଉଦ୍‌ଯାପିତ


ଆୟୋଜିତ ଯୋଗ ଶିବିର।

ଭଦ୍ରକ ଅଫିସ,୧୦।୨

ଭଦ୍ରକର ଚରମ୍ପାସ୍ଥିତ ମାରୱାଡି ଭବନରେ ଆୟୋଜିତ ତ୍ରିଦିବସୀୟ ଯୋଗ ଶିବିର ଉଦ୍‌ଯାପିତ ହୋଇଯାଇଛି। ଆନନ୍ଦମାର୍ଗର ବରିଷ୍ଠ ସଭ୍ୟ ଜଗନ୍ନାଥ ପ୍ରସାଦ ଲେଙ୍କାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ କେନ୍ଦ୍ରୀୟ ସମ୍ପାଦକ ଆଚାର୍ଯ୍ୟ ପ୍ରିୟକୃଷ୍ଣାନନ୍ଦ ଅବଧୂତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ସମାଜର ରାଜ୍ୟ ସମ୍ପାଦକ ଡ. ଭାସ୍କର ଚନ୍ଦ୍ର ଜେନା, ରାଜ୍ୟ ସଭାପତି ଇଂ. କାହ୍ନୁଚରଣ ବେହୁରା, ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଉତ୍ତମ ପତି, ସମାଜସେବୀ ଜଗନ୍ନାଥ ରାୟ ପ୍ରମୁଖ ଶିବିରାର୍ଥୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଆନନ୍ଦମାର୍ଗର ପ୍ରତିଷ୍ଠାତା ଶ୍ରୀଶ୍ରୀ ଆନନ୍ଦ ମୂର୍ତ୍ତିଙ୍କର ରାଜାଧୀରାଜ ଯୋଗର ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ, ସମାଧି ସମ୍ବନ୍ଧରେ ବିଶଦ ଭାବେ ଆଲୋଚନା କରିବା ସହ ତାଙ୍କ ଦ୍ୱାରା ପ୍ରଣୀତ ସାମାଜିକ, ଆର୍ଥିକ ଦର୍ଶନ ପ୍ରଗତିଶୀଳ ଉପଯୋଗୀ ତତ୍ତ୍ୱ(ପ୍ରାଉଟ) ସାମ୍ୟବାଦ ଓ ପୁଞ୍ଜିବାଦର ଏକମାତ୍ର ବିକଳ୍ପ ବୋଲି ବକ୍ତାମାନେ କହିଥିଲେ। ଆନନ୍ଦମାର୍ଗର ସର୍ବତ୍ୟାଗୀ ସନ୍ନ୍ୟାସୀ ଆଚାର୍ଯ୍ୟ ବିଶୁଧାତ୍ମାନନ୍ଦ ଅବଧୂତ, ଆଚାର୍ଯ୍ୟ ଜପକୃଷ୍ଣାନନ୍ଦ ଅବଧୂତ, ସନ୍ନ୍ୟାସିନୀ ଅବଧୂତିକା ଆନନ୍ଦମଧୁମାଳିକା ଆଚାର୍ଯ୍ୟା, ଯୋଗ ଶିକ୍ଷକ ବୀରକିଶୋର ବେହେରା, ପ୍ରମୋଦ ଦାଶ, କାଞ୍ଚନବାଳା ଦେବୀ ଶିବିରାର୍ଥୀମାନଙ୍କୁ ଯୋଗାସନ, ସଦାଶିବଙ୍କ ପ୍ରଦତ୍ତ ତାଣ୍ଡବନୃତ୍ୟ ଓ କୌଶିକନୃତ୍ୟ ଆଦି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସମାଜସେବୀ ଚନ୍ଦ୍ରଗୁପ୍ତ ଲେଙ୍କା, ସନାତନ ବେହେରା, ଅସୀମାନନ୍ଦ ରାୟ, ଦେବଦତ୍ତ ଜେନା, ପୀତାମ୍ବର ଭୂୟାଁ, ଗୟାଧର ବେହେରା, ସୁରେନ୍ଦ୍ର ପାତ୍ର, ବିନୋଦ ବିହାରୀ ଗାହାଣ, ଜପ ନାୟକ, ପ୍ରୀତିଲତା ଲେଙ୍କା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ବାତଜ୍ୱର ନିରାକରଣ ଔଷଧ ସେବନ

ଭଣ୍ଡାରିପୋଖରୀ, ୧୦।୨(ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀସ୍ଥିତ ରଣଜିତ୍ ସେବାଶ୍ରମଠାରେ ବାତଜ୍ୱର ନିରାକରଣ ପାଇଁ ସମୂହ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ବାତଜ୍ୱର ନିରାକରଣ ବିଭାଗ ଆଡିଶ୍ନାଲ ଡାଇରେକ୍ଟର ଡ. ପ୍ରମିଳା ବରାଳ, ଭଦ୍ରକ ଜିଲା ଚିକିତ୍ସାଧିକାରୀ ଡ. ଜଗନ୍ନାଥ ପହୀ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡ. ମୁରଲୀଧର ନାୟକ, ରାଜ୍ୟ ଅଣୁତତ୍ତ୍ୱବିତ୍ ଡ. ଅରୁଣ ଶିବନ୍, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡ. କମଳାକାନ୍ତ ସ୍ୱାଇଁ, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର କୋଅର୍ଡିନେଟର୍ ଡ. ମିଙ୍ଗ୍, ଡ. ଅରୁଣ ନାୟକ, ଅଣୁତତ୍ତ୍ୱବିତ୍ ଦୀପ୍ତିରଞ୍ଜନ ମହାପାତ୍ର ଓ ସ୍ଥାନୀୟ ସରପଞ୍ଚ ମନୋଜ ନାୟକ ଉପସ୍ଥିତ ରହି ୨୦୫ ପିଲାଙ୍କୁ ଔଷଧ ସେବନ କରାଇଥିଲେ। ପ୍ରଥମେ ସେବାଶ୍ରମ କର୍ମଚାରୀ ଔଷଧ ସେବନ ପରେ ପିଲାମାନଙ୍କୁ ଖୁଆଇଥିଲେ। ଏହି ଅବସରରେ ଏକ ସଭା ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଅନିତାରାଣୀ ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ଅମରଜିତ୍ ରାୟ, ପ୍ରଭାକର ବେହୁରିଆ, ଜଗବନ୍ଧୁ ପ୍ରଧାନ, ଜୟନ୍ତୀ ପାଲ, ସଙ୍ଗୀତା ଦେବତା, ସୁପ୍ରିୟା ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଭଣ୍ଡାରିପୋଖରୀ କଲେଜଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଔଷଧ ପ୍ରଦାନ କରାଯାଇଥିଲା। ଅଧକ୍ଷ ଭରତ କରଣଙ୍କ ତତ୍ତ୍ୱାବଧାନରେ କଲେଜର ୧୦୬ ଛାତ୍ରୀଛାତ୍ର, ଅଧାପିକା ଅଧାପକ ବାତଜ୍ୱର ନିରାକରଣ ପାଇଁ ଔଷଧ ସେବନ କରିଥିଲେ।

# ଦିବ୍ୟାଙ୍ଗ ସୁକାନ୍ତଙ୍କ ଘରେ ପହଞ୍ଚିଲେ ଅଧିକାରୀ


ଦିବ୍ୟାଙ୍ଗ ସୁକାନ୍ତ ମୁଖୀଙ୍କ ସହ ତଦନ୍ତରେ ଯାଇଥିବା ଅଧିକାରୀମାନେ।

ବନ୍ତ,୧୦।୨(ଡି.ଏନ.ଏ.)

**ସହାୟତା ପ୍ରଦାନ ନେଇ ତଦନ୍ତ**

ଭଦ୍ରକ ଜିଲା ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ଅଧୀନ ହାସିନପୁର ଗ୍ରାମର ଦିବ୍ୟାଙ୍ଗ ବ୍ୟକ୍ତି ସୁକାନ୍ତ ମୁଖୀଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ସହାୟତା ପ୍ରଦାନ କରାଯିବା ନେଇ ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ତଦନ୍ତ କରାଯାଇଛି। ବ୍ଲକ ସାମାଜିକ ସୁରକ୍ଷା ବିଭାଗ ଦାୟିତ୍ୱରେ ଥିବା ଅଧିକାରୀ ଜମାଦାର ମୁଣ୍ଡା ଓ କ୍ଲଷ୍ଟର କୋଅର୍ଡିନେଟର ହୃଦାନନ୍ଦ ପାଢୀ ତାଙ୍କ ଘରକୁ ଯାଇ ତଦନ୍ତ କରିଛନ୍ତି।

ସୂଚନା ଅନୁଯାୟୀ, ଗତ ୪/୫ ବର୍ଷ ତଳେ ସୁକାନ୍ତ ପାୱାରଟିଲର ସାହାଯ୍ୟରେ ଜମିରେ ଚାଷ କରିବା ସମୟରେ ତାଙ୍କ ଗୋଡ଼ କଟି ଯାଇଥିଲା। ଏହି ଦୁର୍ଘଟଣା ପରେ ତାଙ୍କର ଡାହାଣ ଗୋଡଟି ଆଣ୍ଠୁ ପାଖରୁ କଟା ଯାଇଥିଲା। ସେହିଦିନଠାରୁ ସେ ଚାଲିପାରୁ ନାହାନ୍ତି। ଆଶାବାଡ଼ି ହିଁ ଏକମାତ୍ର ଭରସା। ସେ ବିବାହିତ ଥିବାବେଳେ ତାଙ୍କର ଗୋଟିଏ ମାତ୍ର ଝିଅ ଅଛି। ପରିବାର ପ୍ରତିପୋଷଣ ପାଇଁ ସେ ଘର ପାଖରେ ଏକ ସାଇକେଲ ଦୋକାନ କରିଛନ୍ତି। ସେଥିରୁ ଯାହା ରୋଜଗାର ହେଉଛି ସେଥିରେ ତାଙ୍କ ପରିବାର ଚଳୁଛି। ନିଜର ଜମିବାଡ଼ି ନ ଥିବାବେଳେ ସରକାରୀ ସହାୟତା ଭାବେ କେବଳ ଭତ୍ତା ପାଉଛନ୍ତି। ତେବେ ସ୍ଥାୟୀ ଭାବେ ଜୀବିକା ନିର୍ବାହ କରିବା ପାଇଁ ସେ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ସାହାଯ୍ୟ ସକାଶେ ଆବେଦନ କରିଥିଲେ। ତାଙ୍କୁ ସହାୟତା ପ୍ରଦାନ ପୂର୍ବରୁ ଏହି ଅଧିକାରୀମାନେ ତାଙ୍କ ଘରେ ପହଞ୍ଚି ତଦନ୍ତ କରିଥିଲେ। କିପରି ଖୁବ୍‌ଶୀଘ୍ର ସୁକାନ୍ତଙ୍କୁ ସହାୟତା ପ୍ରଦାନ କରାଯାଇ ପାରିବ ସେ ନେଇ ବ୍ଲକ ପ୍ରଶାସନ ତତ୍ପର ହୋଇଉଠିଛି।

# ଅତିରିକ୍ତ ଟିକାକରଣ ଲାଗି ଗଡ଼ିଲା ପ୍ରଚାର ଗାଡ଼ି

ଭଣ୍ଡାରିପୋଖରୀ,୧୦।୨(ଡି.ଏନ.ଏ.)

ଜନ୍ମରୁ ୨ ବର୍ଷ ପିଲା, ଗର୍ଭବତୀ ଯେଉଁମାନେ ଟିକା ନେଇ ନ ଥିବେ ସେମାନଙ୍କୁ ପ୍ରତ୍ୟେକ ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ରରେ ମଙ୍ଗଳବାରଠାରୁ ଟିକା ଦିଆଯିବ। ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଏହି ଟିକାକରଣ କାର୍ଯ୍ୟକ୍ରମ ଚାଲିବ। ଏ ନେଇ ସୋମବାର ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ପ୍ରଚାର ଗାଡ଼ି ଉଦ୍‌ଘାଟନ କରାଯାଇଛି। ଏହି ପ୍ରଚାର ଗାଡ଼ି ବ୍ଲକର ସମସ୍ତ ଗ୍ରାମକୁ ଯାଇ ବାର୍ତ୍ତା ଦେବ। ଯେଉଁମାନେ ଟିକା ନେଇ ନ ଥିବେ


ପ୍ରଚାର ଗାଡ଼ି ଉଦ୍‌ଘାଟନ କରାଯାଉଛି।

ସେମାନଙ୍କୁ ଆଶା ଓ ଅଙ୍ଗନୱାଡି ଦିଦିମାନେ ଅଙ୍ଗନୱାଡି କେନ୍ଦ୍ରକୁ ଆଣି ପହଞ୍ଚାଇବେ। ଏଏନ୍‌ଏମ୍ ଦିଦିମାନେ ଟିକା ଦେବେ ବୋଲି ଧାର୍ଯ୍ୟ ହୋଇ ଜିଲା ଚିକିତ୍ସାଧିକାରୀ ଡ. ଜଗନ୍ନାଥ ପହୀ ପ୍ରଚାର ଗାଡ଼ିକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡ. କମଳାକାନ୍ତ ସ୍ୱାଇଁ, ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଅନିତାରାଣୀ ରାଉତଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# 'ପିଲାଙ୍କୁ ସଂସ୍କାରୀ କରାଏ ଶିକ୍ଷା'

ତିହିଡ଼ି,୧୦।୨(ଡି.ଏନ.ଏ.)

ତିହିଡ଼ି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ସୋମନାଥ ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବକୁ ସମ୍ପାଦକ ମନୋଜ ପାଣିଗ୍ରାହୀ ସଞ୍ଚାଳନ କରିଥିଲେ। ମୁଖ୍ୟଅତିଥି ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇ କହିଥିଲେ, ଶିଶୁମନ୍ଦିର ଶିକ୍ଷାର ନିତାନ୍ତ ଆବଶ୍ୟକତା ଅଛି। ଏହି ଶିକ୍ଷା ପିଲାର ଶାରୀରିକ ଓ ଆଧାତ୍ମିକ ବିକାଶ ଘଟାଇବା ସହ ସଂସ୍କାରୀ ଏବଂ ରାଷ୍ଟ୍ରବାଦୀ କରାଇଥାଏ। ଅନ୍ୟତମ ଅତିଥି ଭାବେ ଗୀତିକାର ପଞ୍ଚାନନ ନାୟକ ଓ ସଭାପତି ଡ. ଲକ୍ଷ୍ମୀଧର ତ୍ରିପାଠୀ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ନରେଶ ଚନ୍ଦ୍ର ମହାନ୍ତି ବିବରଣୀ ପାଠ କରିଥିଲେ। ପୂର୍ବତନ ସମ୍ପାଦକ ମନୋଜ ସେନାପତି, ବିପ୍ଳବ ରଞ୍ଜନ ପତି, ନିଶାକର ନାୟକ, ପ୍ରିୟବ୍ରତ ପାଢ଼ୀ, ବସନ୍ତ ମହାପାତ୍ର ଓ ପ୍ରତିଷ୍ଠାତା ଦୀପକ ସ୍ୱାଇଁ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପ୍ରଥମ ପ୍ରଧାନ ଆଚାର୍ଯ୍ୟ ଗଣେଶ ପ୍ରସାଦ ରାଉତ, ପୂର୍ବତନ ଛାତ୍ର ତଥା ଡାକ୍ତରୀ ଛାତ୍ର ବିକାଶ ଗୁପ୍ତା ଓ କୌଶିକ ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଶିଶୁ କଳାକାରଙ୍କ ଦ୍ୱାରା ସଡ଼କ ସୁରକ୍ଷା ଉପରେ ଏକ ନାଟକ ପ୍ରଦର୍ଶିତ ହୋଇଥିଲା। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥି।

# ବିଭିନ୍ନ ସମସ୍ୟା ନେଇ ଅଭିଭାବକଙ୍କ ହୋହଲ୍ଲା

ଭଣ୍ଡାରିପୋଖରୀ,୧୦।୨(ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ କୁରିଗାଁ ପଞ୍ଚାୟତ କଣ୍ଟି ଉଚ୍ଚ ବିଦ୍ୟାଳୟରେ ଦୀର୍ଘଦିନ ଧରି ଲାଗି ରହିଥିବା ବିଭିନ୍ନ ସମସ୍ୟାକୁ ନେଇ ସୋମବାର ସ୍କୁଲ ପରିସରରେ ଅଭିଭାବକମାନେ ହୋହଲ୍ଲା କରିଥିଲେ। ବିଦ୍ୟାଳୟରେ ଶିକ୍ଷକ ଅଭାବ ସମସ୍ୟା ସହ ମଧ୍ୟାହ୍ନ ଭୋଜନରେ ସ୍ୱଳ୍ପ ଓ ନିମ୍ନମାନର ଖାଦ୍ୟ ପିଲାଙ୍କୁ ଦିଆଯାଉଥିବା ସେମାନେ ଅଭିଯୋଗ କରିଥିଲେ। ଏହାଛଡ଼ା ସ୍କୁଲ ପରିସରରେ ବିଶୃଙ୍ଖଳିତ କାର୍ଯ୍ୟ ହେଉଥିବା ଏବଂ ପିଲାମାନେ ନୀତିଶିକ୍ଷା ପାଇବା ପରିବର୍ତ୍ତେ ଦିନକୁ ଦିନ ଅବାଟକୁ ଯାଉଥିବା ଅଭିଯୋଗ କରି ଅଭିଭାବକମାନେ ମଧ୍ୟାହ୍ନରେ ସ୍କୁଲ ଫାଟକରେ ତାଲା ପକାଇଥିଲେ।


କଣ୍ଟି ଉଚ୍ଚ ବିଦ୍ୟାଳୟ ସାମ୍ନାରେ ଅଭିଭାବକମାନଙ୍କୁ ପୋଲିସ ବୁଝାଶୁଝା କରୁଛି।

ବିଦ୍ୟାଳୟରେ ପାଠପଢ଼ା ଠିକ୍ ଭାବେ ଚାଲି ନ ଥିବାବେଳେ ବାର୍ଷିକ ପରୀକ୍ଷା ଆଉ ଅଳ୍ପ ଦିନ ବାକି ରହିଥିଲେ ମଧ୍ୟ ସମସ୍ତ ବିଷୟରେ ପାଠପଢ଼ା ହୋଇନାହିଁ। କେତେକ ବିଷୟରେ ଆଦୌ ପଢ଼ା ଆରମ୍ଭ ହୋଇନାହିଁ। ଅର୍ଦ୍ଧବାର୍ଷିକ ପରୀକ୍ଷାରେ ଫଳାଫଳ ଅଭିଭାବକଙ୍କୁ ଜଣାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ପରିଚାଳନା କମିଟି ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସମନ୍ୱୟ ଅଭାବରୁ ବିଭିନ୍ନ ସମସ୍ୟା ଦେଖାଦେଉଥିବା କେତେକ ଅଭିଭାବକ ପ୍ରକାଶ କରିଛନ୍ତି। ଅଭିଭାବକ ଲୋକନାଥ ଦାସ, ପ୍ରୀତି ଜେନା, ଗୀତାଞ୍ଜଳି ସେଠୀ, ରଶ୍ମିତା ସ୍ୱାଇଁ, ଶୈଳବାଳା ଜେନା, ମହେଶ୍ୱର ଜେନା, ରମେଶ ଜେନା, ସୁବୋଧ ହାତୀ, ଖଗେଶ୍ୱର ଜେନା, ତୃପ୍ତି ଜେନା ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ ଅଭିଭାବକ ଉପସ୍ଥିତ ଥିଲେ। ତେବେ ଏହାକୁ କେନ୍ଦ୍ରକରି ଅଭିଭାବକ ଓ ଗ୍ରାମର କେତେଜଣ ଯୁବକଙ୍କ ମଧ୍ୟରେ ବଚସା ହୋଇଥିଲା। ଖବର ପାଇ ଭଣ୍ଡାରିପୋଖରୀ ଥାନା ଏଏସ୍‌ଆଇ ଗୌରମଣୀ ସିଂ ଅପରାହ୍ଣରେ ବିଦ୍ୟାଳୟରେ ପହଞ୍ଚି ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ଦୁଇଦିନ ଭିତରେ ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକ ଏକ ବୈଠକରେ ଏକତ୍ର ହୋଇ ସ୍କୁଲର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବାକୁ ସ୍ଥିର ହୋଇଥିଲା। ଏହାପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

## ଜମିବାଡ଼ି ପଟ୍ଟା ପାଇଛନ୍ତି ହେଲେ ଜାଗା ଚିହ୍ନଟ ହୋଇପାରୁନି

ବାରିପଦା ଅଫିସ, ୧୦।୨

ମୟୂରଭଞ୍ଜ ଜିଲା ଶ୍ୟାମାଖୁଣ୍ଟା ବ୍ଲକ ଅଧୀନ ଦୁଧିଆଶୋଳ ଗ୍ରାମବାସୀ ଜମି ପଟ୍ଟା ପାଇଥିବା ବେଳେ ସେମାନଙ୍କ ଜମି ଚିହ୍ନଟ ହୋଇପାରୁ ନାହିଁ। ଫଳରେ କିଛି ଲୋକ ଅନ୍ୟାୟ ଭାବେ ସେମାନଙ୍କ ଜମିକୁ ମାଡ଼ି ବସିଛନ୍ତି। ଏହାର ସମାଧାନ ପାଇଁ ସୋମବାର ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ତୁରନ୍ତ ଜାଗା ଚିହ୍ନଟ କରିବାକୁ ଦାବି କରିଥିଲେ। ଗ୍ରାମର ପାର୍ବତୀ କାଳନ୍ଦି, ପ୍ରମିଳା କାଳନ୍ଦି, ଗୁରୁବାରୀ କାଳନ୍ଦି, ସୁକାନ୍ତୀ କାଳନ୍ଦି, ଲକ୍ଷ୍ମୀ କାଳନ୍ଦିଙ୍କ ସମେତ ଏକାଧିକ ମହିଳା ପୁରୁଷ ଏ ନେଇ ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିଲେ।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ସରକାରଙ୍କ ପକ୍ଷରୁ ୨୦୦୬ ଓ ୨୦୦୮ରେ ସେମାନଙ୍କୁ ୪ ଡିସିମିଲି ଲେଖାଏଁ ଜାଗାର ପଟ୍ଟା ମିଳିଥିଲା। ସେମାନେ ଜାଗା ଚିହ୍ନଟ ପାଇଁ ଦୀର୍ଘ ଦିନ ହେଲା ଶ୍ୟାମଖୁଣ୍ଟା ତହସିଲଦାରଙ୍କଠାରେ ଆବେଦନ କରିଥିଲେ। ୧୬ ସେପ୍ଟେମ୍ବର ୨୦୧୯ରେ ତହସିଲଦାର ଓ ସେମାନଙ୍କ ଟିମ୍ ଜାଗା ମାପ କରିବା ପାଇଁ ଯାଇଥିଲେ।



ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

ଏହି ସମୟରେ ଗ୍ରାମର କିଛି ଯୁବକ ଗଣ୍ଡଗୋଳ କରି ଜମି ମାପ କରାଇ ଦେଇ ନ ଥିଲେ। ପରେ ଏ ନେଇ ୧୯ ତାରିଖରେ ଗ୍ରାମରେ ବୈଠକ କରାଯାଇ ଯେଉଁମାନେ ଜମି ମାପ କାର୍ଯ୍ୟକୁ ବିରୋଧ କରି ଗଣ୍ଡଗୋଳ କରିଥିଲେ ସେମାନଙ୍କୁ ଜାଗା ଦିଆଯିବ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। ଏହିଭଳି ବିଭିନ୍ନ ସମୟରେ ତହସିଲଦାର ମାପ କରିବାକୁ ଯାଇଥିବା ବେଳେ ଜମି ମାପ ହୋଇ ପାରି ନ ଥିଲା। ଫେବୃୟାରୀ ୩ ତାରିଖରେ ରଙ୍ଗମାଟିଆ ଆରଆଇ, ଅମିନ,ସୁପରଭାଇଜର ଯାଇଥିବା ବେଳେ ଗ୍ରାମର କିଛି ଲୋକ ଘେରି ଯାଇ ଯାହାର ଜମି ମପା ଯାଉଥିଲା ସେମାନଙ୍କୁ ଆକ୍ରମଣ କରିଥିଲେ। ସେମାନେ ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଏ ନେଇ ଆକ୍ରମଣକାରୀ ବ୍ୟକ୍ତିଙ୍କ ବିରୋଧରେ ସଦର ଥାନାରେ ଅଭିଯୋଗ ହୋଇଥିଲା। ହେଲେ ପୋଲିସ ଉକ୍ତ ଆକ୍ରମଣକାରୀମାନଙ୍କୁ ଗିରଫ କରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ସେମାନଙ୍କ ଜମି ମାପ କରାଇ ନ୍ୟାୟ ଦେବାକୁ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

## ସଂକ୍ଷେପରେ

### ଅବକାରୀ ଚଢ଼ାଉ ,୧୮ କୁଇଣ୍ଟାଲ ମହୁଲ ପୋଚ ଜବତ

ଖୁଣ୍ଟା,୧୦।୨(ଡ଼ି.ଏନ୍.ଏ.): ଖୁଣ୍ଟା ଅବକାରୀ ବିଭାଗ ପକ୍ଷରୁ ସୋମବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ମଦ ପ୍ରସ୍ତୁତି ପାଇଁ ଗଚ୍ଛିତ ରଖା ଯାଇଥିବା ବିପୁଳ ପରିମାଣରେ ମହୁଲ ପୋଚ ଜବତ କରାଯାଇଛି। ସୂଚନା ଅନୁଯାୟୀ କେନ୍ଦୁଆମୁଣ୍ଡି ଗ୍ରାମର ଏକ ନିଛାଟିଆ ସ୍ଥାନରେ ମାଟି ଭିତରେ ଡ୍ରମ, ଆଲୁମିନିୟମ ଡେକଚି ପୋତାଯାଇ ପ୍ରାୟ ୧୨ କୁଇଣ୍ଟାଲ ଓ ଆନନ୍ଦପୁର ଗ୍ରାମରୁ ୬ କୁଇଣ୍ଟାଲ ମହୁଲ ପୋଚ ଜବତ କରାଯାଇଛି । ଏହି ବେଆଇନ କାରବାରରେ ଲିପ୍ତ କୌଣସି ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନାହିଁ । ଉଦଳା ଅବକାରୀ ରେଞ୍ଜ ଆଇଆଇସି ଅଭିରାମ ବେହେରାଙ୍କ ନେତୃତ୍ୱରେ ଖୁଣ୍ଟା ଅଧିକାରୀ ରଞ୍ଜୀବ କୁମାର, ଏଏସଆଇ ଶରତ ବାରିକଙ୍କ ସମେତ ଅନ୍ୟ କର୍ମଚାରୀ ଓ ମୋବାଇଲ ଟିମ ଚଢାଉରେ ସାମିଲ ଥିଲେ ।

### ବିଶୋଇ ବ୍ଲକରେ ଏମ୍‌ପିଙ୍କ ପ୍ରତିନିଧି ନିଯୁକ୍ତ

ବିଶୋଇ,୧୦।୨(ଡ଼ି.ଏନ୍.ଏ.): ବିଶୋଇ ବ୍ଲକରେ ଥିବା ସମସ୍ତ ପ୍ରଶାସନିକ ବିଭାଗରେ ମୟୂରଭଞ୍ଜ ଏମପି ଇଂ. ବିଶେଶ୍ୱର ଟୁଡୁ ନିଜର ପ୍ରତିନିଧିମାନଙ୍କୁ ନିଯୁକ୍ତ କରିଛନ୍ତି। ଏ ନେଇ ଏମପି ଟୁଡୁ ଭାରପ୍ରାପ୍ତ ବିଡିଓଙ୍କ ସମେତ ବ୍ଲକର ସମସ୍ତ ପ୍ରଶାସନିକ ଅଧିକାରୀଙ୍କୁ ପତ୍ର ଲେଖିଛନ୍ତି। ସୂଚନା ଅନୁଯାୟୀ, ଗଜେନ୍ଦ୍ର ବେହେରା ବିଶୋଇ ପଞ୍ଚାୟତ ସମିତିର ମୁଖ୍ୟ ଏମପି ପ୍ରତିନିଧି ଭାବେ ନିଯୁକ୍ତ ହୋଇଥିବାବେଳେ ରାଜସ୍ୱ ବିଭାଗରେ ସୁରେନ୍ଦ୍ରନାଥ ବେହେରା, ଜଙ୍ଗଲ ବିଭାଗରେ ପ୍ରକାଶ ସୋରେନ, ସ୍ୱାସ୍ଥ୍ୟରେ ଦିଲୀପ ମହାନ୍ତ, ଜଳସେଚନରେ ରଞ୍ଜନ ମୁର୍ମୁ, କୃଷି ଓ ଉଦ୍ୟାନ ବିଭାଗରେ ଇନ୍ଦ୍ର ମହାକୁଡ଼, ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ରେ ଅମରଦୀପ ନନ୍ଦ, ସମନ୍ୱିତ ଶିଶୁ ବିକାଶ ବିଭାଗରେ କାଦେ ବାସ୍କେ, ଆଦିବାସୀ ଓ ହରିଜନ ଉନ୍ନୟନ ବିଭାଗରେ ଭାଗବତରାମ ମୁର୍ମୁ, ପୋଲିସ ବିଭାଗରେ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପ୍ରାଥମିକ ଓ ଉଚ୍ଚ ଶିକ୍ଷା ବିଭାଗରେ ମେଘରାୟ ସୋରେନ ପ୍ରମୁଖ ଏମପି ପ୍ରତିନିଧି ଭାବରେ ନିଯୁକ୍ତ ହୋଇଥିବା ଜଣାପଡିଛି।

### ଭୀମଭୋଇ ସାମର୍ଥ୍ୟ ଶିବିର

ଖୁଣ୍ଟା,୧୦।୨(ଡ଼ି.ଏନ୍.ଏ.): ଖୁଣ୍ଟା ବ୍ଲକ କାର୍ଯ୍ୟାଳୟ ପରିସରରେ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ସୋମବାର ଭୀମଭୋଇ ସାମର୍ଥ୍ୟ ଶିବିର ୨୦୧୯-୨୦ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ଅଧୀନ ୧୪ଟି ପଞ୍ଚାୟତରୁ ମୋଟ ୩୫୩ ଜଣ ବିଭିନ୍ନ ବର୍ଗର ଭିନକ୍ଷମ ନିଜର ନାମ ପଞ୍ଜିକରଣ କରିଥିଲେ। ସେଥି ମଧରୁ ୨୫୨ ଜଣଙ୍କୁ ଭିନକ୍ଷମ ସାର୍ଟିଫିକେଟ, ୧୧୩ ଜଣଙ୍କୁ ବିଭିନ୍ନ ଭିନକ୍ଷମ ଉପକରଣ, ୧୨ ଜଣଙ୍କୁ ବିଭିନ୍ନ ଅପରେସନ ପାଇଁ ଚିହ୍ନିଟିକରଣ ,୨୧୩ ଜଣଙ୍କୁ ବସ ପାସ, ୨୬୨ ଜଣଙ୍କୁ ବାର୍ଷିକ ଆୟ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ବ୍ଲକ ଅଧକ୍ଷ ପୁଷ୍ପଲତା ମାର୍ଣ୍ଡି ଉଦଘାଟନ କରିଥିବା ବେଳେ ବିଡ଼ିଓ ମାନସ ରଞ୍ଜନ ସାମଲ ଓ ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ସାସମଲ ପ୍ରମୁଖ ଉପସ୍ଥିତ ଥିଲେ ।

## 'ଧରିତ୍ରୀ' ଜିଲା କାର୍ଯ୍ୟାଳୟର ନୂଆ ଠିକଣା

ଦୀର୍ଘ ବର୍ଷ ଧରି ଅମ୍ବିକା ମନ୍ଦିର ନିକଟରେ ଚାଲି ଆସୁଥିବା ମୟୂରଭଞ୍ଜ 'ଧରିତ୍ରୀ' ଜିଲା କାର୍ଯ୍ୟାଳୟ ଭଞ୍ଜପୁର ଜଗଦ୍ଧାତ୍ରୀ ମେଳା ପଡ଼ିଆ ନିକଟସ୍ଥ ପାୱେଲ ସ୍କୁଲ ପଛପଟକୁ ସ୍ଥାନାନ୍ତର କରାଯାଇଛି। 'ଧରିତ୍ରୀ' ଜିଲା କାର୍ଯ୍ୟାଳୟର ଏହି ନୂଆ ଠିକଣାରେ ଜନସାଧାରଣମାନେ ସେମାନଙ୍କ କାର୍ଯ୍ୟକ୍ରମର ସୂଚନା ଦେଇପାରିବେ। ସେହିଭଳି 'ଧରିତ୍ରୀ'ର ନୂତନ ମୟୂରଭଞ୍ଜ ଜିଲା ପ୍ରତିନିଧି ରଞ୍ଜନ କୁମାର ପ୍ରଧାନଙ୍କୁ ୮୯୦୮୯୮୬୯୭୯ ନମ୍ବରରେ ଯୋଗାଯୋଗ କରିପାରିବେ।

## ହୋ ସମାଜ ପକ୍ଷରୁ ମାଗେ ପର୍ବ ପାଳିତ

ବିଶୋଇ,୧୦।୨(ଡ଼ି.ଏନ୍.ଏ.)

ବିଶୋଇ ସ୍ଥିତ ବାଡୁଣିଆ ହୋ ସମାଜ ପକ୍ଷରୁ ମାଗେ ପର୍ବ ପାଳିତ ହୋଇଯାଇଛି। ପ୍ରଥମେ ବାଡୁଣିଆ ହୋ ସମାଜର ଦେହୁରୀ ମଥୁରା ପିଙ୍ଗୁଆ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିବା ପରେ ଉପସ୍ଥିତ ହୋ ସମାଜର ସମସ୍ତ ମହିଳା ଓ ପୁରୁଷ ହାତକୁ ହାତ ଛନ୍ଦି ମାଦଳର ତାଳେତାଳେ ନୃତ୍ୟ ପରିବେଷଣ କରିଥିଲେ। ଏହି ପର୍ବରେ ବାଡୁଣିଆ ହୋ ସମାଜ କମିଟିର ସଭାପତି ସମା କାଣ୍ଡା, ଉପସଭାପତି ମାଠା ପୂର୍ତ୍ତି, ସମ୍ପାଦକ ଶେଖର ହାଁସଦା, ରଘୁନାଥ ପୂର୍ତ୍ତି, ଉପଦେଷ୍ଟା ମଣ୍ଡଳୀର ଦୁଃଶାସନ ସାଂଆ,ମଙ୍ଗଳା ପିଙ୍ଗୁଆ, ରେଙ୍ଗ ପିଙ୍ଗୁଆ ପ୍ରମୁଖ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ।



ହୋ ସମାଜ ପକ୍ଷରୁ ପୂଜାର୍ଚ୍ଚନା କରାଯାଉଛି।

## ବନାଞ୍ଚଳ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

କପ୍ତିପଦା,୧୦।୨(ଡ଼ି.ଏନ୍.ଏ.)

କପ୍ତିପଦା ଫରେଷ୍ଟର ଶୋଭାକର ସିଂହଙ୍କୁ ଭିଜିଲାନ୍ସ ଅଧିକାରୀ ଅନ୍ୟାୟ ଓ ଉଦ୍ଦେଶ୍ୟମୂଳକ ଭାବେ ଗିରଫ କରିଥିବା ପ୍ରତିବାଦରେ ସୋମବାର କପ୍ତିପଦା ଉନ୍ନୟନ ମଞ୍ଚ, ବ୍ୟବସାୟୀ ଏବଂ ବୁଦ୍ଧୀଜୀବୀଙ୍କ ପକ୍ଷରୁ ବନାଞ୍ଚଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଫରେଷ୍ଟର ଶୋଭାକର ସିଂହ ଜଣେ ସଚ୍ଚୋଟ, କର୍ତ୍ତବ୍ୟନିଷ୍ଠ ଅଧିକାରୀ ହୋଇଥିବାବେଳେ ତାଙ୍କୁ ବେଆଇନ୍ ଭାବେ ଗିରଫ କରାଯାଇଛି। ତାଙ୍କ ଅଫିସ୍ ଗୃହ ଏବଂ ସମସ୍ତ ଆସବାବ ପତ୍ର ଉପରେ ଭିଜିଲାନ୍ସ ବିଭାଗର ବ୍ୟବହୃତ ରଙ୍ଗ ବିଛାଡ଼ି ହୋଇ ପଡ଼ିଥିବା ଅଭିଯୋଗକାରୀମାନେ ଲିଖିତ ଅଭିଯୋଗ କରିଛନ୍ତି। ଫରେଷ୍ଟର ସିଂହଙ୍କ ଉପରେ ଲଗାଯାଇଥିବା ଆରୋପ ଓ ଗିରଫଦାରୀର ଉଚ୍ଚସ୍ତରୀୟ ତଦନ୍ତ କରାଇ ତୁରନ୍ତ ନ୍ୟାୟ ପ୍ରଦାନ କରା ନ ଗଲେ ଆଗାମୀ ଦିନରେ ପୁଣି କପ୍ତିପଦା ମଞ୍ଚ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ଚେତାବନୀ ଦେଇଛି। ଏନେଇ ଏକ ଦାବିପତ୍ର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ଉପଜିଲାପାଳଙ୍କ ନିକଟକୁ ପଠାଯାଇଛି। ଏହି ଧାରଣାରେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍, ପ୍ରବୀର ଚନ୍ଦ୍ର ସାଏ, ପୂର୍ବତନ ବ୍ଲକ୍ ଅଧକ୍ଷ ଭଗୀରଥ ଦେହୁରୀ, ଭିନକ୍ଷମ ମଞ୍ଚର ସଭାପତି ମନୋରଞ୍ଜନ ଜେନା, ଅଭିମୁନ୍ୟୁ ମଣ୍ଡଳ, ସରୋଜ ଭଞ୍ଜ, ଭାନୁମତୀ ଦାସ, ଲକ୍ଷ୍ମୀଧର ବେହେରା, ବରିଷ୍ଠ ନାଗରିକ କୃପାସିନ୍ଧୁ ବେହେରା, ବିଶାକର ମହାପାତ୍ର, ବିଚିତ୍ରାନନ୍ଦ ମହାନ୍ତି, ଭାନୁଚରଣ ଦାସ, ଜୟନ୍ତ ଦାସଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ ।




ବନ ବିଭାଗ କାର୍ଯ୍ୟାଳୟ ଆଗରେ ଦିଆଯାଇଥିବା ଧାରଣା।

## ଗୋଚର ଜମିରେ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ପାଇଁ ଦାବିପତ୍ର

ବଡସାହି,୧୦।୨(ସ୍ୱ.ପ୍ର)

ସୋମବାର ବଡ଼ସାହି ବ୍ଲକ ଅଧୀନ ଭୀମଦା ପଞ୍ଚାୟତ ଟିକାୟତପୁର ଗ୍ରାମର ହିତାଧିକାରୀମାନେ ଗୋଚର ଜମିରେ ନିର୍ମାଣ ଚାଲିଥିବା ପକ୍କା ଘର ସ୍ଥାନକୁ ତହସିଲ ପକ୍ଷରୁ ପଟ୍ଟା ପ୍ରଦାନ କରିବା ପାଇଁ ବଡ଼ସାହି ତହସିଲଦାରଙ୍କ ନିକଟରେ ଦାବି କରିଛନ୍ତି । ୨୧ଜଣ ହିତାଧିକାରୀ ନିଜ ଚାଳଛପର ଘର ଭାଙ୍ଗି ପକ୍କା ଘର ନିର୍ମାଣ କରୁଥିବା ବେଳେ କାର୍ଯ୍ୟ ବନ୍ଦ କରିବା ହେତୁ ସେମାନେ ଖୋଲା ଆକାଶ ତଳେ ରହୁଛନ୍ତି । ଫଳରେ ସେମାନେ ନିରୁପାୟ ହୋଇ ସେହି ସ୍ଥାନରେ ଘର ନିର୍ମାଣ କରିବାକୁ ତହସିଲଦାରଙ୍କ ନିକଟରେ ଦାବି କରିଛନ୍ତି। ଗୋଚର ଜମିରେ ବିଜୁ ପକ୍କା ଘର ନିର୍ମାଣ କାର୍ଯ୍ୟ ହେଉଥିବାରୁ ଗ୍ରାମବାସୀଙ୍କ ପକ୍ଷରୁ ଏହାକୁ ବିରୋଧ କରାଯାଇଥିଲା। ଏହାକୁ ନେଇ ଯୁବନେତା ପ୍ରଭାତ କୁମାର ଜେନାଙ୍କ ନେତୃତ୍ୱରେ ଗ୍ରାମର ମହିଳା ଓ ପୁରୁଷ ହିତାଧିକାରୀମାନେ ଏ ସଂକ୍ରାନ୍ତରେ ବଡ଼ସାହି ତହସିଲଦାରଙ୍କ ନିକଟରେ ଗୁହାରୀ କରିଛନ୍ତି।

ଟିକାୟତପୁର ଗ୍ରାମର କିଛି ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା । ୧ମ ପର୍ଯ୍ୟାୟରେ କାର୍ଯ୍ୟାଦେଶ ସହିତ ମିଳିଥିବା ସହାୟତା ରାଶିରେ ହିତାଧିକାରୀମାନେ ନିୟମ ଅନୁଯାୟୀ କାର୍ଯ୍ୟ କରିସାରିବା ପରେ ଜିଆର୍‌ଏସ୍‌ମାନେ ଜିଓ ଟ୍ୟାଗ୍ କରି ପରବର୍ତ୍ତି ବିଲ ପାଇଁ ସୁପାରିଶ କରିଥାନ୍ତି। ମାତ୍ର କିଛି ହିତାଧିକାରୀ ଦାଖଲ କରିଥିବା ଜମି ପଟ୍ଟା ମୁତାବକ ଜମିରେ ଘର ନିର୍ମାଣ ନ କରି ଗୋଚର ଜମିରେ ଗୃହ ନିର୍ମାଣ ଚଳାଇଛନ୍ତି । ସେହି ଗୋଚର ଜମିରେ ଘର ନିର୍ମାଣ ନ କରିବାକୁ କିଛି ଗ୍ରାମବାସୀ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ସମ୍ପୃକ୍ତ ହିତାଧିକାରୀଙ୍କ ଗୃହ ନିର୍ମାଣ କାର୍ଯ୍ୟ ବନ୍ଦ କରିବା ସହିତ ପରବର୍ତ୍ତି ବିଲ ପାଶ୍ କରାଯାଇ ନ ଥିଲା । ଫଳରେ ହିତାଧିକାରୀ ଶୁକମଣି ପାତ୍ର, ପାର୍ବତୀ ନାଏକ, ରତନି ରଣା, ବାସନ୍ତୀ ରଣା, ମଞ୍ଜରୀ ରଣା, ସରସ୍ୱତୀ ରଣା, ଖୁଲଣା ସେଠୀଙ୍କ ସମେତ ବହୁ ହିତାଧିକାରୀ ଭାରପ୍ରାପ୍ତ ତହସିଲଦାରଙ୍କୁ ସାକ୍ଷାତ କରି ସେହି ଗୋଚର ଜମିକୁ ପଟ୍ଟା ପ୍ରଦାନ କରିବା ପାଇଁ ଦାବି କରିଛନ୍ତି । ଗୋଚର ଜମିକୁ ପଟ୍ଟା ପ୍ରଦାନ କରିବାରେ ସରକାରୀ କଟକଣା ରହିଥିବାରୁ ତହସିଲ ପକ୍ଷରୁ ଭୂମିହୀନମାନଙ୍କୁ ଅନ୍ୟ ସ୍ଥାନରେ ପଟ୍ଟା ପ୍ରଦାନ କରାଯିବ ବୋଲି ଅତିରିକ୍ତ ତହସିଲଦାର ପୃଥ୍ୱୀରାଜ ପରିଡା ପ୍ରକାଶ କରିଛନ୍ତି। ସେମାନେ ନିରୁପାୟ ହୋଇ ବଡ଼ସାହି ବିଡିଓଙ୍କୁ ସାକ୍ଷାତ କରି ଘଟଣା ସମ୍ପର୍କରେ ଅବଗତ କରିଥିଲେ । ମାତ୍ର ସରକାରୀ ଅଫିସରଙ୍କ ଏଭଳି କାର୍ଯ୍ୟ ଯୋଗୁଁ ନିରୀହ ଗରିବ ଲୋକମାନେ ନାହିଁ ନ ଥିବା ହଇରାଣ ହରକତ ହେଉଛନ୍ତି ବୋଲି ପଞ୍ଚାୟତର ନାଏବ ସରପଞ୍ଚ ବଳରାମ ମହାଳିକ ପ୍ରକାଶ କରିଛନ୍ତି । ଶୀତ ଦିନିଆ ବର୍ଷା ସାଙ୍ଗକୁ କୋହଲା ପାଗରେ ଦିନ କାଟୁଥିବା ହିତାଧିକାରୀଙ୍କ ପାଇଁ ସରକାରୀସ୍ତରରେ ଗୋଚର ଜମିର ପଟ୍ଟା ପ୍ରଦାନ କରିବାକୁ ଗ୍ରାମର ଭୀମ ସିଂ, କରୁଣାକର ପାତ୍ର ଓ ଜୟନ୍ତ କୁମାର ଜେନା ପ୍ରମୁଖ ଦାବି କରିଛନ୍ତି।

ଏ ସମ୍ପର୍କରେ ବିଡିଓ ଦିଲ୍ଲୀପ କୁମାର ମହାରଣା କୁହନ୍ତି, ଘର ନିର୍ମାଣ ପାଇଁ ଉପଯୁକ୍ତ କାଗଜପତ୍ର ଦେଖିବା ସହ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସୁପାରିଶ କ୍ରମେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ମାତ୍ର କିଛି ହିତାଧିକାରୀ ସେହି ସ୍ଥାନରେ ଘର ନିର୍ମାଣ ନ କରି ସରକାରୀ ଗୋଚର ଜମିରେ ନିର୍ମାଣ କାର୍ଯ୍ୟ କରୁଥିବାରୁ ତାହାକୁ ବନ୍ଦ କରାଯାଇଛି। ତଦନ୍ତ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।




ହିତାଧିକାରୀମାନେ ତହସିଲଦାରଙ୍କୁ ଭେଟିବାକୁ ଯାଉଛନ୍ତି।

## ଯୌତୁକ ଦାବିରେ ନବ ବିବାହିତାଙ୍କୁ ହତ୍ୟା ଅଭିଯୋଗ

କପ୍ତିପଦା,୧୦।୨(ଡ଼ି.ଏନ୍.ଏ.)

କପ୍ତିପଦା ଥାନା ଉପରଖୁଣ୍ଟାରେ ଜଣେ ନବବିବାହିତାଙ୍କୁ ତାଙ୍କ ସ୍ୱାମୀ ଯୌତୁକ ଦାବିରେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା(ନଂ.୩୭/୨୦) ରୁଜୁ କରି ତଦନ୍ତ ଜାରି ରଖିଛି। ପୋଲିସ ସୂଚନା ଅନୁଯାୟୀ, ଉପରଖୁଣ୍ଟା ଗ୍ରାମର ରବି ଖିଲାର ଭଦ୍ରକ ଥାନା ରାଣୀତାଲ ଅଞ୍ଚଳର ମାନ ଖିଲାରଙ୍କୁ ଗତ ଜାନୁଆରୀ ୧୯ ତାରିଖରେ ଭଲ ପାଇ ବିବାହ କରିଥିଲେ। ଫେବୃୟାରୀ ୯ ତାରିଖରେ ମହିଳାଙ୍କର ମୃତ୍ୟୁ ହୋଇଥିବା ତାଙ୍କ ବାପଘର ଲୋକେ ଖବର ପାଇଥିଲେ। ମୃତ ମହିଳାଙ୍କର ମୁଣ୍ଡ ଓ ଛାତିରେ କ୍ଷତ ଚିହ୍ନ ଥିବା ଦେଖିବାକୁ ପାଇ ଭାଇ ସୁରେନ୍ଦ୍ର ତାଙ୍କ ଭଉଣୀକୁ ଯୌତୁକ ଦାବିରେ ହତ୍ୟା କରିଥିବା ଅଭିଯୋଗ କରିଛନ୍ତି। ସ୍ୱାମୀ ରବି ଖିଲାରଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ବାଙ୍ଗିରିପୋଷି,୧୦।୨(ଡ଼ି.ଏନ୍.ଏ.)

ବାଙ୍ଗିରିପୋଷିବ୍ଲକଅଧୀନନିଶ୍ଚନ୍ତା ଗ୍ରାମରେ ଦ୍ୱାରଶୁଣୀ ଯୁବକ ସଂଘ ପକ୍ଷରୁ ୩୫ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ବକ୍ତା ଭାବେ ସ୍ଥାନୀୟ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ଇଂରାଜୀ ବିଭାଗର ଅଧାପକ ସତ୍ୟନାରାୟଣ ସାମଲ ଯୋଗ ଦେଇଥିବା ବେଳେ ସମ୍ମାନନୀୟ ଅତିଥି ଭାବେ ଭାବେ ପୂର୍ବତନ ବ୍ଲକ ଅଧକ୍ଷ ରାମଚନ୍ଦ୍ର ମୁର୍ମୁ, ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ଇତିହାସ ବିଭାଗର ଅଧାପକ ଅଶୋକ ମହାପାତ୍ର,ପୂର୍ବତନ ଶିକ୍ଷକ ଜହରଲାଲ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ । ଉପସ୍ଥିତ ଅତିଥିମାନେ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କାର ବିତରଣ କରି ଆଗାମୀ ଦିନରେ ଜଣେ ଜଣେ ଭଲ କ୍ରୀଡାବୀତ ହେବା ପାଇଁ ପରାମର୍ଶ ଦେଇଥିଲେ । ସଂଘର ସଭାପତି ଶ୍ୟାମ ଚରଣ ମୁର୍ମୁ, ସହ ସଭାପତି ବାଇଧର ଟୁଡୁ, ସମ୍ପାଦକ ମାରସାଲ ମାର୍ଣ୍ଡି,ସହ ସମ୍ପାଦକ ଗୋବିନ୍ଦ ମୁର୍ମୁ ପ୍ରମୁଖଙ୍କ ଉଦ୍ୟମରେ ୨ ଦିନ ବ୍ୟାପି ଚାଲିଥିବା ଆଞ୍ଚଳିକ ବାର୍ଷିକ କ୍ରୀଡାରେ ବିପୁଳ ଜନସମାଗମ ହୋଇଥିଲା। ସଙ୍ଗୀତ ପ୍ରତିଯୋଗୀତା ସହିତ ବିଭିନ୍ନ ସ୍ଥାନରୁ ଆସିଥିବା ପ୍ରତିଯୋଗୀଙ୍କୁ ନେଇ ଏକ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଯୁବକ ସଂଘର ବିଦେଶୀ ବେହେରା,ସତ୍ୟନାରାୟଣ ପ୍ରହରାଜ,କ୍ରୀଷ୍ଣା ବେହେରା, କାଜଲ କିରଣ ମହାନ୍ତ, ଗଗନ ବେହେରା, ତ୍ରୀଲୋଚନ ଗିରି, ମନୋଜ କୁମାର ନନ୍ଦ, ସାଲଖୁ ମାର୍ଣ୍ଡି,ମଙ୍ଗଲ ସିଂ, ଯଦୁ ମହାକୁଡ, ଗୌରଙ୍ଗ ମହାକୁଡ ପ୍ରମୁଖ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।



ଯୁବକ ସଂଘ ପକ୍ଷରୁ ଆୟୋଜିତ ହୋଇଥିବା ନୃତ୍ୟ ପ୍ରତିଯୋଗିତା।

## ଗଳାପୋଲ ନିର୍ମାଣ ଦାବିରେ ଜାତୀୟ ରାଜପଥ ଅବରୋଧ



ଅବରୋଧ ଯୋଗୁ ରାସ୍ତା ଜାମ୍ ହୋଇଛି।

ବାରିପଦା ଅଫିସ, ୧୦।୨

ବାରିପଦା ସହର ମୁର୍ଗାବାଡ଼ି ଛକ ନିକଟସ୍ଥ ନିଗମାନନ୍ଦ ଆଶ୍ରମଠାରେ ନିର୍ମାଣଧିନ ଫ୍ଲାଏଓଭରରେ ଏକ ଗଳା ପୋଲ ନିର୍ମାଣ ଦାବିରେ ଅଞ୍ଚଳବାସୀ ସୋମବାର ରାସ୍ତା ଅବରୋଧ କରିଥିଲେ। ପୂର୍ବାହ୍ନ ୧୦ଟାରେ ବାଲେଶ୍ୱର ଝାରପୋଖରୀଆ ୧୮ ନମ୍ବର ଜାତୀୟ ରାଜପଥକୁ ଅଞ୍ଚଳବାସୀ ଅବରୋଧ କରିବା ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପରେ ଅପରାହ୍ନ ୧ଟାରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ଜାତୀୟ ରାଜପଥର ଅଧିକାରୀ ବିଦ୍ୟାଧର ପଣ୍ଡା, ଜିଲାସ୍ତରୀୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିବା ସହିତ ୩ ଦିନ ଭିତରେ ଗଳାପୋଲ ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫଳରେ ଅଞ୍ଚଳବାସୀ ରାସ୍ତା ଅବରୋଧରୁ ହଟିଥିଲେ। ମୁର୍ଗାବାଡ଼ିଠାରୁ ରେଲୱେ ଲେଭଲ୍ କ୍ରସିଂ ପର୍ଯ୍ୟନ୍ତ ପାଖାପାଖି ୨ କି.ମି ଏହି ଫ୍ଲାଇଓଭର ନିର୍ମାଣ ହେବା ଫଳରେ ମୁର୍ଗାବାଡ଼ି ଛକଠାରେ ଥିବା ରାସ୍ତାଟି ବନ୍ଦ ହୋଇଯିବ। ଫଳରେ ବାରିପଦା ପୌରପାଳିକାର ୨୬ ଓ ୨୧ ନମ୍ବର ୱାର୍ଡ଼ ସମେତ ବେତନା ପଞ୍ଚାୟତର ଅଧିକାଂଶ ଲୋକ ହଇରାଣ ହେବେ। ବାରିପଦା ସହରକୁ ମୁର୍ଗାବାଡ଼ି ଛକ ଦେଇ ପ୍ରତିଦିନ ଯାତାୟତ କରୁଥିବା ଲୋକମାନେ ଅସୁବିଧାର ସମ୍ମୁଖୀନ ହେବେ। ତେଣୁ ସେଠାରେ ଏକ ଗଳା ପୋଲ ନିର୍ମାଣ ଦାବିରେ ଅଞ୍ଚଳବାସୀ ଗତ ୩୧ ତାରିଖରେ ଜିଲାପାଳଙ୍କ ଜରିଆରେ ଜାତୀୟ ରାଜପଥର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଅବଗତ କରାଇଥିଲେ। ହେଲେ ଅଦ୍ୟାବଧି ଏହାର କୌଣସି ସମାଧାନ ହୋଇ ନ ଥିବାରୁ ରାସ୍ତା ଅବରୋଧ କରାଯାଇଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

## କେନ୍ଦ୍ର ମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଲେ ସରୋଜିନୀ



ରାଜ୍ୟ ସଭା ସଦସ୍ୟା ସରୋଜିନୀ ହେମ୍ବ୍ରମ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କରୁଛନ୍ତି।

ବାରିପଦା ଅଫିସ, ୧୦।୨

ମୁର୍ଗାବାଡ଼ି ଛକ ନିକଟସ୍ଥ ନିଗମାନନ୍ଦ ଆଶ୍ରମଠାରେ ନିର୍ମାଣଧିନ ଫ୍ଲାଏଓଭରରେ ଏକ ଗଳା ପୋଲ ନିର୍ମାଣ ଲାଗି ରାଜ୍ୟ ସଭା ସଦସ୍ୟା ସରୋଜିନୀ ହେମ୍ବ୍ରମ ସୋମବାର କେନ୍ଦ୍ର ସଡ଼କ, ପରିବହନ ଓ ରାଜପଥ ମନ୍ତ୍ରୀ ନିତୀନ ଗଡ଼କାରୀଙ୍କ ନିକଟରେ ପ୍ରସ୍ତାବ ରଖିଛନ୍ତି। ଏହି ଗଳା ପୋଲ ନିର୍ମାଣ ହେଲେ ଅଞ୍ଚଳବାସୀ ଉପକୃତ ହେବେ ବୋଲି ସେ ଦାବିପତ୍ରରେ ଦର୍ଶାଇଛନ୍ତି। ସେହିଭଳି ରାଜ୍ୟସଭା ସଦସ୍ୟା ସରୋଜିନୀ ଜାତୀୟ ରାଜପଥ ୧୮ ଦେଇ ଯାଇଥିବା କୁଚେଇ ଓ କୁଳିଅଣା ମାର୍କେଟଠାରେ ଫୁଟ ଓଭର ବ୍ରିଜ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି।

